## ଟ୍ରକ୍ ଧକ୍କାରେ ଯୁବକ ମୃତ

**କୁଚିଣ୍ଡା, ୧୦।୧୨(ସମିସ):**ସୋମବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ କୁଚିଣ୍ଡା ଥାନା ଟାଇଁସର ଗ୍ରାମର କୈଳାସ ବାଗ(୫୦) ଗୁରୁତର ହୋଇଥିଲେ। କୁଚିଣ୍ଡା ପଟରୁ ନଗରାବାହାଲକୁ ଯାଉଥିବା ଓଡି୦୯ ୱାଇ-୭୭୫୫ ନଂ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଯୁବକର ଅଣ୍ଟାରୁ ତଳ ଅଂଶ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। କୁଚିଣ୍ଡା ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗ୍ରାମବାସୀ ଗାଡ଼ି ଡ୍ରାଇଭରକୁ ଉତ୍ତମମଧ୍ୟମ ଦେଇ ଟ୍ରକ୍ ଅଟକ ରଖିଥିଲେ।ଗୁରୁତର ଅବସ୍ଥାରେ କୈଳାସକୁ କୁଚିଣ୍ଡା ଡାକ୍ତରଖାନାରୁ ବୁର୍ଲା ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ମୃତଦେହକୁ କୁଚିଣ୍ଡା ଡାକ୍ତରଖାନାକୁ ଆଣି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## କୋଇଲା ଚୋରି ଅଭିଯୋଗରେ ୩ ଗିରଫ

● ୪୦ ଟନ୍ ସହ ୨ ଟ୍ରକ୍ ଜବତ





ସମ୍ବଲପୁର, ୧୦।୧୨(ସମିସ):କୋଇଲା ଚୋରି ଅଭିଯୋଗରେ ରେଙ୍ଗାଲି ପୁଲିସ ୩ ଜଣଙ୍କୁ ଗରିଫ କରିଛି। ଏଥିସହ ୨୦ ଟନ୍ କୋଇଲା ଲୋଡ ଥିବା ୨ଟି ଟ୍ରକ୍ ନଂ ଓଆର୧୫ଏମ-୭୧୨୯ ଓ ଓଆର୧୯ଡି-୬୭୬୭କୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ବିହାରର ମୁକେଶ କୁମାର(୨୪), ବାବୁଧାନ କୁମାର(୨୨) ଓ ଅନିଲ କୁମାର(୩୦)। ସୂଚନାଯୋଗ୍ୟ ପୁଲିସ ରେଙ୍ଗାଲି ଅଞ୍ଚଳରେ ୨ଟି କୋଇଲା ବୋଝେଇ ଟ୍ରକ୍ ବୁଲୁଥିବା ଖବର ପାଇଥିଲା। ସେମାନଙ୍କୁ କୋଇଲା ଲୋଡିଂ ଓ ପରିବହନ ସମ୍ବନ୍ଧୀୟ ତଥ୍ୟ ମାଗିଥିଲା ହେଲେ ସେମାନ ଦେଇପାରିନଥିଲେ।ଶେଷରେ ସୁନ୍ଦରଗଡ଼ରୁ କୋଇଲା ଚୋରି କରିଥିବା ନେଇ କହିଥିଲେ। ସମସ୍ତଙ୍କୁ ଗରିଫ କରି କୋର୍ଟ ଚାଲାଣ କରିଛନ୍ତି।

## ମହିଳାଙ୍କୁ ମାର୍‌ପିଟ ସହ ଅସଦାଚରଣ, ଜଣେ ଗିରଫ



ସମ୍ବଲପୁର, ୧୦।୧୨(ସମିସ):ମଦ ପିଇ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଧନୁପାଲି ପୁଲିସ ମାୟାବଗିଚାର ଏମଡି ସବିର(୨୮)କୁ ଗରିଫ କରିଛି। ସୂଚନା ଅନୁସାରେ ରବିବାର ରାତିରେ ମାୟାବଗିଚାର ଜଣେ ମହିଳା ପାଖ ଦୋକାନକୁ ଯାଇଥିଲେ। ଫେରିବା ବେଳେ ସବିର ନିଶା ଗ୍ରସ୍ତ ଅବସ୍ଥାରେ ଅସଦାଚରଣ କରି ମାର୍‌ପିଟ କରିଥିଲା। ପରେ ମହିଳାଙ୍କ ଝିଅ ମାଙ୍କୁ ସୁରକ୍ଷା ଦେବା ପାଇଁ ଆସିଥିଲେ। ଝିଅଙ୍କୁ ମଧ୍ୟ ସବିର ମାରପିଟ ସହ ଅସଦାଚରଣ କରିଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଗରିଫ କରି କୋର୍ଟ ପଠାଇଦେଇଛି।

## କୁରାଳ ପଞ୍ଚମୀ ପୂଜା ମହୋତ୍ସବ



**ଜମନକିରା, ୧୦।୧୨(ସମିସ)**: ଜମନକିରା ବ୍ଲକ ଅନ୍ତର୍ଗତ କଦଳୀମୁଣ୍ଡାଠାରେ ୧୪ତମ କୁରାଳ ପଞ୍ଚମୀ ପୂଜା ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କୁରାଳ ପଞ୍ଚମୀରେ ଭଗବାନ ବିଷ୍ଣୁ ଶିବ ପାର୍ବତୀ ଗଣେଶ ସରସ୍ୱତୀ ବ୍ରାହ୍ମା ବିଷ୍ଣୁ ମହେଶ୍ୱର ବିଶ୍ୱକର୍ମା ରୁଦ୍ରପାଳ ରନ୍ନେଶ୍ୱରୀ ଦେବଦେବୀଙ୍କୁ ପୂଜା କରାଯିବା ସହ କୁରାଳଚକ୍ରକୁ ପୂଜା କରାଯାଇଛି। କଳସ ଯାତ୍ରା, ହୋମ ଯଜ୍ଞ, ପୁରାଣ ପାଠ ନାମ କିର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।କର୍ତ୍ତା ଭାବରେ ଦୁର୍ଯୋଧନ ରଣା ପତ୍ନୀ କଳ୍ପନା ରଣା ଦାୟିତ୍ୱ ତୁଲାଇଥିବା ବେଳେ ପୂଜା ସଭାପତି ପବିତ୍ର ରଣା, ଉପସଭାପତି କୁମରମଣି ରଣା, ସମ୍ପାଦକ ମହାଦେବ ରଣା, ପୂଜା ଉପଦେଷ୍ଟା ହରିହର ରଣା, ଲୋକନାଥ ରଣା, ପିଣ୍ଟୁ ରଣା, ବ୍ଲକ ସଭାପତି ତ୍ରିଲୋଚନ ରଣା, ସମ୍ପାଦକ ଚିତ୍ତରଞ୍ଜନ ରଣାଙ୍କ ସମେତ ସମାଜର ବହୁ ସଂଖ୍ୟକ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ବୁର୍ଲାରେ ଜବରଦଖଲ ଉଚ୍ଛେଦକୁ କଂଗ୍ରେସର ନିନ୍ଦା

ସମ୍ବଲପୁର, ୧୦।୧୨(ସମିସ):ବୁର୍ଲା ସହରରେ ସମ୍ବଲପୁର ମହା ନଗର ନିଗମ ପକ୍ଷରୁ ଦୋକାନୀଙ୍କୁ ଜବରଦଖଲ ଉଚ୍ଛେଦ ନାମରେ ଜୋର୍ ଜବରଦସ୍ତ ଭାଙ୍ଗିବା ଘଟଣାକୁ ବୁର୍ଲା ସହର କଂଗ୍ରେସ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ରାସ୍ତା ପ୍ରଶସ୍ତିକରଣ କହି ଶହଶହ ଦୋକାନ ଏବଂ ଘରକୁ ବର୍ଷେ ପୂର୍ବରୁ ଭାଙ୍ଗି ଦିଆଗଲା। ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ସହାୟତା ମିଳିନାହିଁ। କେବଳ ବିକାଶ କହି ଦୋକାନ ଏବଂ ଘର ଭାଙ୍ଗିବାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ନଗର କଂଗ୍ରେସ କମିଟି ସଭାପତି ଗିରିଜା ନାୟକ କହିଛନ୍ତି। ଆଗାମୀ ଦିନରେ ଏହାକୁ ବିରୋଧ କରି ତୀବ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ପୁଣି ରାଜ୍ୟ ସଙ୍ଗୀତକୁ ବିଜେପି ନେତାଙ୍କ ଅସମ୍ମାନ

**ସମ୍ବଲପୁର, ୧୦।୧୨(ସମିସ):**



■ ପୂର୍ବରୁ ଜୟନାରାୟଣ ଏବେ ତାଙ୍କ ନୋମିନି

■ ଓଡ଼ିଆ ଅସ୍ମିତାକୁ ଭୁଲିଗଲେ

ପୁଣି ସମ୍ବଲପୁରରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀକୁ ଅସମ୍ମାନ କରିଛନ୍ତି ବିଜେପି ନେତା। ଗତ ୮ ତାରିଖରେ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଇନପୁଟ୍ ସହାୟତା ବଣ୍ଟନ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ମନ୍ତ୍ରୀ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ତଥା ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ସମୀର ବାବୁ ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲଣ। ଉପସ୍ଥିତ ସମସ୍ତ ଅତିଥି ତଥା ଜିଲ୍ଲାପାଳ, ଏସ୍‌ପି ପ୍ରମୁଖ ମଞ୍ଚରେ ଛିଡା ହୋଇ ଗୀତକୁ ସମ୍ମାନ ଦେଇଥିଲେ।ହେଲେ ବିଜେପି ନେତା ସମୀର ବାବୁ ଚେୟାରରେ ବସି ରହିଥିଲେ। ଅତିଥିମାନେ ଇଙ୍ଗିତରେ ଛିଡ଼ା ହେବା ପାଇଁ ମଧ୍ୟ କହିଥିଲେ।କିନ୍ତୁ ଗୀତ ଶେଷ ହେବା ପର୍ଯ୍ୟନ୍ତ ସେହିପରି ବସି ରହିଥିଲେ। ପ୍ରକାଶ ଥାଉକି ଏହି ଗୀତ ଗାନ ବେଳେ ଉପସ୍ଥିତ ସମସ୍ତ ବ୍ଲକ ପଞ୍ଚାୟତରୁ ଆସିଥିବା ଚାଷୀମାନେ ସମ୍ମାନ ଜଣାଇ ଛିଡା ହୋଇଥିଲେ। ଏ ନେଇ ତାଙ୍କୁ କାହିଁକି ଛିଡା ହେଲେନି ବୋଲି ପଚାରିବାରୁ, ସେ କାହିଁକି ଛିଡା ହେବି ବୋଲି ଉତ୍ତର ରଖିଛନ୍ତି। ଓଡ଼ିଶା କହିଲେ କେବଳ ଉତ୍କଳକୁ ବୁଝାଏକି କୋଶଳ, କଳିଙ୍ଗ କୁଆଡେ ଗଲି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଏହି ଗୀତ ରାଜ୍ୟ ସଙ୍ଗୀତ ବୋଲି ମୁ ମାନୁ ନାହିଁ ତେଣୁ କେବେ ଛିଡା ହେବି ନାହିଁ ବୋଲି କହିଛନ୍ତି। କିଛି ମାସ ପୂର୍ବରୁ ସମ୍ବଲପୁର ବିଧାୟକ ମଧ୍ୟ ଏହି ସଙ୍ଗୀତକୁ ଅସମ୍ମାନ ଜଣାଇଥିଲେ। ରାଜ୍ୟ ସଙ୍ଗୀତକୁ ମାନ୍ୟତା ପାଇଁ ୧୯୯୫ ମସିହାରୁ ଦାବି ହୋଇ ଆସୁଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ୨୦୨୦ ଜୁନ ୭ରେ ମାନ୍ୟତା ମିଳିଥିଲା। ହେଲେ ରାଜ୍ୟ ସଙ୍ଗୀତକୁ ବିଜେପି ନେତା ଅସମ୍ମାନ କରିବା ସହରରେ ଆଲୋଡନ ସୃଷ୍ଟି କରିଛି। ଓଡ଼ିଆ ଅସ୍ମିତାକୁ ଢାଲ କରି ବିଜେପି କ୍ଷମତାକୁ ଆସିଛି, କିନ୍ତୁ ନିର୍ବାଚନ ପରେ ସେହି ଅସ୍ମିତାକୁ କୁଠାରଘାତ କରିଛି।

## ସମ୍ବଲପୁରୀ ଧନୁଯାତ୍ରା ପାଇଁ ଶ୍ରୀକୃଷ୍ଣ ଓ ବଳରାମ ବରଣ



**ସମ୍ବଲପୁର, ୧୦।୧୨(ସମିସ):** ଆସନ୍ତା ୧୫ରୁ ୧୯ ପର୍ଯ୍ୟନ୍ତ ସମ୍ବଲପୁରରେ ହେବାକୁ ଥିବା ସମ୍ବଲପୁରୀ ଧନୁଯାତ୍ରା ଲାଗି ଶ୍ରୀକୃଷ୍ଣ ଓ ବଳରାମ ବରଣ ସମ୍ପନ୍ନ ହୋଇଯାଇଛି। ଛତାବରର ଦୁଷ୍ମନ୍ତ ପଣ୍ଡା ଓ ପୁଷ୍ପାଞ୍ଜଳି ପଣ୍ଡାଙ୍କ ପୁତ୍ର ଓମ ସାଇରାମ ପଣ୍ଡାଙ୍କୁ ଶ୍ରୀକୃଷ୍ଣ ଅଭିନେତା ଭାବେ ବରଣ କରାଯାଇଥିଲା। ଏଥିରେ କମିଟିର ସଭାପତି ସଞ୍ଜୟ ବାବୁ କର୍ତ୍ତା ଦାଇତ୍ୱ ତୁଲାଇ ଥିବାବେଳେ ପଣ୍ଡିତ ସୁବ୍ରତ ପୁରୋହିତ ପୂଜକ କାର୍ଯ୍ୟ ତୁଲାଇଥିଲେ। ସେହିପରି ଟିହିକିପାଲିର ଅଶୋକ ତନସନା ଓ ଅହଲ୍ୟା ତନସନାଙ୍କ ପୁତ୍ର ସତ୍ୟବ୍ରତଙ୍କୁ ବଳରାମ ଭୂମିକା ନିମନ୍ତେ ବରଣ କରାଯାଇ ଥିଲା। କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ପଦ୍ମ ଲୋଚନ ପୁରୋହିତ ପୂଜକ ଭାବେ କାର୍ଯ୍ୟ ତୁଲାଇଥିଲେ। ଉଭୟ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଗୁଣରଞ୍ଜନ ସାଲିମା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ନିର୍ଦ୍ଦେଶକ ବାବଲୁ ବାଗ, ସାଂସ୍କୃତିକ ସମ୍ପାଦକ କୃଷ୍ଣଚନ୍ଦ୍ର ବାଗଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଚୈତନ୍ୟ ନାୟକ, ଯୋଗେଶ ନନ୍ଦ, ଲଳିତ ବେବର୍ତ୍ତା, ଜୟକୃଷ୍ଣ ବେହେରା, ଲିଳିମା ମଲ୍ଲିକ, ସୌରୀ ପାଣିଗ୍ରାହୀ, ଘୁନୁ ଚରଣ ପାଢ଼ୀ, ଅନମୋଲ ଦାଶ, ସୂର୍ଯ୍ୟ ପାଣିଗ୍ରାହୀ, ସନ୍ତୋଷ ରାୟଗୁରୁ, ସସ୍ମିତା ଦୀପ, ବେଦି ବାରିକ, ପ୍ରଜ୍ଞା ପୂଜାରୀ, ନରେଶ ସିଂ, ସରୋଜ ମହାପାତ୍ର, ପିତୃ ରାଉତ, ଦୁଲାଳ ରାୟ ଓ ଶେଷଦେବ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

● ପଡ଼ିଆବାହାଲ ଧନୁଯାତ୍ରା

## ଗୋପପୁରରେ ନନ୍ଦଉତ୍ସବ ପାଳନ



ସମ୍ବଲପୁର, ୧୦।୧୨(ସମିସ):କୃଷ୍ଣ ଜନ୍ମପରେ ଗୋପପୁରରେ ଧୂମଧାମରେ ନନ୍ଦୋତ୍ସବ ପାଳନ ହୋଇଥିଲା। ମହାମାନୀ କଂସାସୁର ଭଗବାନ କୃଷ୍ଣଙ୍କୁ ନିଧନ କରିବା ସକାଶେ ଅଷ୍ଟମଲ୍ଲଙ୍କୁ ଗୋପପୁର ପ୍ରେରଣ କରିଥିଲେ। ସେଠାରେ ଅଷ୍ଟମଲ୍ଲଙ୍କ ନିଧନ ହୋଇଥିଲା।ପୁତନା ରାକ୍ଷସୀ, ଅଷ୍ଟମଲ୍ଲଙ୍କ ନିଧନର ଖବର ରାଜଦରବାରରେ ଶୁଣି ମହାମାନୀ କଂସାସୁର ଚିନ୍ତିତ ହୋଇପଡ଼ିଥିଲେ। ଦୁଃଖରେ ଭାଙ୍ଗି ପଡ଼ି କଂସ ବଳଶାଳୀ ହେବାପାଇଁ ମହାଦେବଙ୍କୁ ତପସ୍ୟା କରି ରୁଦ୍ରଶୁଳ ପ୍ରାପ୍ତ କରିଥିଲେ। ଏହା ସହ ମଥୁରାନଗରୀରେ ଧନୁଯାତ୍ରା ଆୟୋଜନ କରି କୃଷ୍ଣ ବଳରାମଙ୍କୁ ମାରିବା ପାଇଁ ଷଡ଼ଯନ୍ତ୍ର କରି କଂସାସୁର ଅକ୍ରୁରଙ୍କୁ ଗୋପପୁର ପ୍ରେରଣ କରିଥିଲେ କୃଷ୍ଣ ବଳରାମଙ୍କୁ ଧନୁଯାତ୍ରାରେ ନିମନ୍ତ୍ରଣ କରିବା ପାଇଁ। ଡା.ରାଜାରାମ ଷଡ଼ଙ୍ଗୀ ସଭା ପରିଚାଳନା କରିଥିଲେ।ଧନୁଯାତ୍ରା କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ସଦର ପୁଲିସ ଓ ମା ମାଉଳି ଯୁବକ ସଂଘ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଖଳାରେ ଧାନ ଖାଉଛନ୍ତି ହାତୀ; ଘଉଡ଼ାଇବାରେ ବିଫଳ ବନ ବିଭାଗ



**ସମ୍ବଲପୁର, ୧୦।୧୨(ସମିସ)**:ସୁରକ୍ଷିତ ନୁହେଁ ଆଉ ଚାଷୀଙ୍କ ଅମଳକ୍ଷମ ଫସଲ।କ୍ଷେତରେ ଧାନ ଚାଷ ବେଳେ ହାତୀଙ୍କ ଉପଦ୍ରବ ବଢ଼ିବା ଯୋଗୁଁ ନଷ୍ଟ ହୋଇଥିଲା। ଅମଳ ପରେ ଘରକୁ ଆଣି ଖଳାରେ ରଖିଲେ, ହେଲେ ହାତୀ ଏହାକୁ ମଧ୍ୟ ଛାଡିଲାନି। ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ନିରାକର ବଡପଣ୍ଡାଙ୍କ ଗାଁ ମଝି ଖଳାରେ ହାତୀ ଧାନ ଖାଉଥିବା ଚିତ୍ର ସାମ୍ନାକୁ ଆସିଛି। ବନବିଭାଗ ହାତୀ ଘଉଡାଇବାରେ ବିଫଳ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କିଛି ଦିନ ହେଲାଣି ଯୁଯୁମୁରା ବ୍ଲକରେହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଧାନ ଫସଲକୁ ଚାଷୀ ରୋକିବାକୁ ବାରମ୍ବାର ଚେଷ୍ଟା କରି ସଂଘର୍ଷ କରୁଛି। ଏହି ସଂଘର୍ଷରେ ୩ ଜଣଙ୍କ ଜୀବନ ଯାଇ ସାରିଲାନି। ଡଙ୍ଗରପଡ଼ାରେ ହାତୀ ବନ ବିଭାଗ ଖବର ପାଇଁ ହାତୀ ଘଉଡ଼ାଇବାକୁ ଆସିଥିଲେବି ତାଙ୍କ ପାଖରେ ବାଣ କିମ୍ବା କୌଣସି ସାମଗ୍ରୀ ନଥିଲା। ଫଳରେ ହାତୀ ମନ ଇଚ୍ଛା ଧାନ ଖାଇ ପୁଣି ଜଙ୍ଗଲକୁ ଫେରିଯାଇଥିଲା।

## ବିଆର୍‌ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା ଶିବିର

**ଜମନକିରା, ୧୦।୧୨(ସମିସ)**: ବିଆର୍‌ଜି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭୋଜପୁର ଠାରେ ରେଡ୍-ରୀବନ୍ କ୍ଲବ ଆନୁକୂଲ୍ୟରେ ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରୁ ରାଲି ବାହାରି ଏଡ୍‌ସ ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଭୋଜପୁର ଗ୍ରାମର ପରିକ୍ରମଣ କରାଯାଇଥିଲା। ଭୋଜପୁର ଛକଠାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଧ୍ୟାପକ ତପନ କୁମାର ଜୟପୂରିଆଙ୍କ ରଚନା ଏବଂ ନିର୍ଦ୍ଦେଶନାରେ 'ପାପୀ - ପୂଣ୍ୟା ନା' ଶୀର୍ଷକ ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ଅଭିନୀତ ହୋଇଥିଲା। ପରେ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଳଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସଭାର ମୁଖ୍ୟଅତିଥି ଭାବରେ ଡଃ ଶରତ କୁମାର ଦେହୁରୀ ଛାତ୍ରଛାତ୍ରୀଙ୍କୁ ଏଡ୍‌ସ ଏବଂ ତମାଖୁ ସେବନର ଭୟାବହତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ଡଃ ସମିତା ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପକ ତପନ କୁମାର ଜୟପୂରିଆ ସଭାକୁ ସଂଯୋଜନା କରିଥିଲେ। ଅନ୍ୟତମ ରେଡକ୍ରସ ପରାମର୍ଶଦାତ୍ରୀ ଅନିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମଭୋଇ ମହାବିଦ୍ୟାଳୟରେ ନାକ୍ ଟିମ୍‌ର ପରିଦର୍ଶନ

**ରେଢାଖୋଲ, ୧୦।୧୨(ସମିସ)**:ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ମହାବିଦ୍ୟାଳୟ ଦୁଇ ଦିନିଆ ପରିଦର୍ଶନରେ ଆସିଥିବା ରାଷ୍ଟ୍ରୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦ (ନାକ୍)ଟିମ୍ ଦ୍ୱାରା ମଙ୍ଗଳବାର ଅନ୍ତିମ ଦିନର ମୂଲ୍ୟାୟନ ଶେଷ ହୋଇଛି। ଏହି ଦୁଇଦିନ ଧରି ସେମାନେ ମହାବିଦ୍ୟାଳୟର ବିଭିନ୍ନ ଭିତ୍ତିଭୂମି, ସମୀକ୍ଷା କରିବା ସହ ଛାତ୍ରାବାସ, ଛାତ୍ରୀ ନିବାସ, ଉଦ୍ଭିଦ ବିଜ୍ଞାନ ବିଭାଗର ଉଦ୍ୟାନ ପରିଦର୍ଶନ କରିଥିଲେ।ପ୍ର. ସୁବିହା ଶୋକିଆହ, ପୂର୍ବତନ କୁଳପତି ଆଲଗାପ୍ପା ବିଶ୍ୱବିଦ୍ୟାଳୟ, ତାମିଲନାଡୁଙ୍କ ଅଧ୍ୟକ୍ଷତାରେ ପ୍ର.ଅରୁଣ ଆନନ୍ଦ, ପଦାର୍ଥ ବିଜ୍ଞାନ ବିଭାଗ, ସର୍ଦାର ପଟେଲ ବିଶ୍ୱବିଦ୍ୟାଳୟ, ଗୁଜୁରାଟ, ସଂଯୋଜକ ସଦସ୍ୟ ଏବଂ ପ୍ର. ମିଳିନ୍ଦ ଜେ. ଉମେକର, ଅଧ୍ୟକ୍ଷ, ଶ୍ରୀମତୀ କିଶୋରୀ ତାଇ ଭୟୟାର କଲେଜ ଅଫ୍ ଫର୍ମାସି, କାମ୍ପତେ, ମହାରାଷ୍ଟ୍ର ସଦସ୍ୟ ହିସାବରେ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଏକ ସ୍ୱତନ୍ତ୍ର ବୈଠକ ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ବିଦାୟୀ ଅଧିବେଶନରେ ଟିମ୍‌ର ଅଧ୍ୟକ୍ଷ ପ୍ର.ସୁବିହା ଶୋକିଆହ ଅନୁଷ୍ଠାନର ଭିତ୍ତିଭୂମି, ଶୈକ୍ଷିକ ପରିବେଶ ଓ ଆନୁଷଙ୍ଗିକ କ୍ଷେତ୍ର, ପୁରାତନ ଛାତ୍ର ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ନମ୍ରତାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ତିମ ଅଧିବେଶନକୁ ସଂଯୋଜନା କରିଥିଲେ। ସଂଯୋଜକ ଡ.ରବି ଚନ୍ଦ୍ର ସିଂହ ଅଧିବେଶନରେ ଉପସ୍ଥିତ ଥିଲେ ପରିଚାଳନା ସମିତିର ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନ,



ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାଶ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ। ମହାବିଦ୍ୟାଳୟ ନାକ୍ ଟିମ୍‌ର ସଂଯୋଜକ ଅକ୍ଷୟ କୁମାର କର ସମସ୍ତଙ୍କର ସକ୍ରିୟ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ମଣ୍ଡିରେ ଦଲାଲଙ୍କ ରାଜ; ସିଧାସଳଖ ମିଲକୁ ଯାଉଛି ଧାନ

**କୁଚିଣ୍ଡା, ୧୦।୧୨(ସମିସ)**:କୁଚିଣ୍ଡା ଅଞ୍ଚଳରେ ଧାନ ବିକ୍ରିରେ ବ୍ୟାପକ ଅବ୍ୟବସ୍ଥା ହେଉଛି। ଚାଷୀ କିନ୍ତୁ ଧାନକୁ ଉଚିତ ମୂଲ୍ୟରେ ବିକ୍ରି କରିନପାରି କମ୍ ମୂଲ୍ୟରେ ମିଲରଙ୍କ ମର୍ଜିରେ କଟନୀ ଛଟନୀ ମାଧ୍ୟମରେ ତାର ବହୁ କଷ୍ଟରେ ଅର୍ଜିତ ଧାନକୁ ବିକ୍ରି କରି ଶୋଷିତ ହେଉଛି। କୁଚିଣ୍ଡା ଅଞ୍ଚଳରେ ବିଭିନ୍ନ ମଣ୍ଡିକୁ ଗତ ସୋମବାର ଦିନ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, କୁଚିଣ୍ଡା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ, ଏସିଏସଓ ରାଜକିଶୋର ସ୍ୱାଇଁ, ଏଆରସିଏସ ପ୍ରଦୀପ ପ୍ରଧାନ, ସପ୍ଲାଇ ଇନ୍ସପେକ୍ଟର ପ୍ରଶ୍ନନ ଦେହୁରୀ, ଡେପୁଟି କଲେକ୍ଟର ଭାସ୍କର ଚନ୍ଦ୍ର ବେହେର.ଆର୍‌ଏମସି ସେକ୍ରେଟାରୀ କିଶୋର ଚନ୍ଦ୍ର ନାଏକ ପ୍ରମୁଖ ବିଭିନ୍ନ ମଣ୍ଡି ବୁଲି ଦେଖିବା ସହ ଅଞ୍ଚଳର ଚାଷୀଙ୍କ ଆଲୋଚନା କରି ବିନା ବାଧାବିଘ୍ନରେ ଚାଷୀ ଧାନ ବିକ୍ରି କରି କିପରି ଉପଯୁକ୍ତ ମୂଲ୍ୟ ପାଇ ପାରିବ ସେନେଇ ଆଲୋଚନା କରିଥିଲେ। ଏଥିସହ ମଣ୍ଡିରେ ଧାନ ଅନଲୋଡ୍ କରି ତାର ମାନ ପରୀକ୍ଷା ପରେ ଲ୍ୟାମ୍ପସ କିମ୍ବା ଏସ୍‌ଏଚଜି ସେହିଧାନକୁ କିଣି ମିଲରମାନଙ୍କ ପାଖକୁ ପଠାଇବାର ବ୍ୟବସ୍ଥା କରିବା ମନ୍ତ୍ରୀ, ପ୍ରଶାସନ କହିଥିଲେ। କିନ୍ତୁ ଦଲାଲଙ୍କ ଦ୍ୱାରା ଚାଷୀ ବାଧ ହୋଇ ଧାନ ସିଧା ମିଲକୁ ନେଇଛନ୍ତି। କିଛି ସରକାରୀ ଅଧିକାରୀ ଗ୍ରେନ ଆନାଲାଇଜର ପରୀକ୍ଷା ନକରିବା ଓ ୫/୬ କେଜି କଟନି ଛଟନି ମାଧ୍ୟମରେ ବିକ୍ରି କରିଦେବା ଠିକ ବୋଲି ଚାଷୀଙ୍କୁ ପ୍ରବର୍ତ୍ତାଉ ଥିବା ଅଭିଯୋଗ ଉଠିଛି। ଏପଟେ କଟନି ଛଟନି ବନ୍ଦ ଏବଂ ୩୧୧ଶହ ଟଙ୍କା ଚାଷୀ ପାଇବ କହୁଥିବା ବେଳେ ମଣ୍ଡିରେ ଦଲାଲରାଜ ଯୋଗୁଁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି।ମନ୍ତ୍ରୀ, ପ୍ରଶାସନର କଥାକୁ କାହାରି ଭ୍ରୂକ୍ଷେପ ନାହିଁ ଦଲାଲଙ୍କ ଅନୁସାରେ ଚାଲିଛି କୁଚିଣ୍ଡା ଅଞ୍ଚଳରେ ସମସ୍ତ ମଣ୍ଡି।

# ହିନ୍ଦୁ ପ୍ରତି ଅତ୍ୟାଚାର ବିରୋଧରେ ପ୍ରତିବାଦ ସଭା

**ସମ୍ବଲପୁର, ୧୦।୧୨(ସମିସ):**



● ସନାତନ ସୁରକ୍ଷା ମଞ୍ଚ ପକ୍ଷରୁ ବିଶାଳ ରାଲି

ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ନିର୍ଯାତନା କରାଯାଇଛି। ଏହାକୁ ପ୍ରତିବାଦ କରି ସନାତନ ସୁରକ୍ଷା ମଞ୍ଚ ପକ୍ଷରୁ ସହରରେ ବିଶାଳ ରାଲା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ସାମିଲ ହୋଇ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ବିରୋଧରେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ବାଂଲାଦେଶର ମହମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପ୍ରଥମେ ତିନୋଟି ପଟୁଆର ଯଥାକ୍ରମେ ସମଲେଶ୍ୱରୀ ମନ୍ଦିର, ବୁଢ଼ାରଜା ଜଗନ୍ନାଥ ମନ୍ଦିର ଏବଂ ଜେଲ ଛକ ନିକଟରେ ଥିବା ଫୋର୍-ସି ପଡ଼ିଆରୁ ବାହାରି ମହିଳା ଥାନା ନିକଟରେ ପହଞ୍ଚିଲେ। ପରେ ସମସ୍ତ ଦଳ ଏକାଠି ହୋଇ ବିରାଟ ପ୍ରତିବାଦ ଯାତ୍ରା ବାହାରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ହିନ୍ଦୁଙ୍କ ପ୍ରତି ଅତ୍ୟାଚାରକୁ ରୋକିବା ତଥା ଦେଶରୁ ବାଂଲାଦେଶୀଙ୍କୁ ହଟାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ ପାଖକୁ ଜିଲ୍ଲାପାଳଙ୍କ ଜରିଆରେ ଦାବି ପତ୍ର ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି, ବଙ୍ଗଳାଦେଶରେ ସତ୍ତା ପରିବର୍ତ୍ତନର ଆଳରେ ସେଠାକାର ଅଳ୍ପ ସଂଖ୍ୟକ ହିନ୍ଦୁ ସମାଜ ଉପରେ ନାନାଦି ଅକଥନୀୟ ନିର୍ଯାତନା, ପ୍ରତାରଣା ଓ ଉତ୍ପୀଡନ କରାଯାଉଛି। ବିଶେଷ ଭାବରେ ମହିଳାଙ୍କ ଉପରେ ଅମାନବୀୟ ଅତ୍ୟାଚାର ଓ ଗଣଦୁଷ୍କର୍ମର ଖବର ଆସୁଅଛି। ହିନ୍ଦୁ ମନ୍ଦିର ଭାଙ୍ଗିବା ଓ ଲୁଟ କରିବା ସହ ହିନ୍ଦୁଙ୍କ ବ୍ୟବସାୟ ବନ୍ଦ କରାଯାଉଛି। ଭାରତୀୟ ନିବେଶକ ଉଦ୍ୟୋଗୀମାନଙ୍କୁ ବାଧହୋଇ ବଙ୍ଗଳାଦେଶରୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡୁଛି। ଏହାକୁ ବନ୍ଦ କରିବାକୁ ଭାରତ ସରକାର ସମେତ ସମଗ୍ର ବିଶ୍ୱ ଦୃଢତାର ସହ ସ୍ୱର ଉତ୍ତୋଳନ କରିବା ଅନିର୍ବାର୍ଯ୍ୟ। ମାନବ ଅଧୀକାର ଲାଗି ବିଶ୍ୱରେ କାମ କରୁଥିବା ସଂସ୍ଥା, ସଂଯୁକ୍ତ ରାଷ୍ଟ୍ର ମାନବ ଅଧିକାର ଆୟୋଗ ତୁରନ୍ତ ହସ୍ତକ୍ଷେପ କରି ବାଂଲାଦେଶରେ ହିନ୍ଦୁଙ୍କ ଉତ୍ପୀଡନ ଓ ଅତ୍ୟାଚାର ବନ୍ଦ କରିବାକୁ ଆହ୍ୱାନ ଦେବା ଜରୁରୀ ହୋଇପଡ଼ିଛି।



### ଧାନ କିଣାବିକାରେ ବ୍ୟାପକ ଅବ୍ୟବସ୍ଥା

# ଦଲାଲ୍ ସାଜିଛନ୍ତି ମିଲରଙ୍କ ଏଜେଣ୍ଟ



**ବରଗଡ଼,,୧୦ ।୧୨(ସମିସ):**

ଅମ୍ବାଭୋନା ବ୍ଲକରେ ଦେଖିବାକୁ ମିଳିଛି ଖରିଫ ଧାନ କିଣାବିକାର ବିକଳ ଚିତ୍ର। ଧାନମଣ୍ଡିରେ ଚାଲିଛି ଦଲାଲଙ୍କ ରାଜୁତି। ଏଠି ମିଲର୍ସଙ୍କ ଏଜେଣ୍ଟ ସାଜିଛନ୍ତି ଦଲାଲ। ସରକାରୀ ନୀତି ନିୟମ ଓ ନିର୍ଦ୍ଦେଶନାମାକୁ ମଧ ଦଲାଲଙ୍କ ଖାତିର ନାହିଁ। ବିଭିନ୍ନ ମନ୍ତ୍ରୀଙ୍କ ତାଗିଦକୁ ମଧ ଭୟ ନାହିଁ। ଗୋଟିଏ ପଟେ ଧାନମଣ୍ଡିରେ ଦଲାଲରାଜ୍ ସହ ବ୍ୟବସାୟୀଙ୍କୁ ନୋ ଏଣ୍ଟ୍ରି ରହିଥିବା ବେଳେ ଅନ୍ୟପଟେ ମିଲର୍ସଙ୍କ ବଦାନ୍ୟତାରେ ଦଲାଲମାନେ ଅଥୋରାଇଜେସନ ନେଇ ଚାଷୀଙ୍କ କଷ୍ଟୋପାର୍ଜିତ ଧାନ ସହ ଖେଳ ଖେଳୁଛନ୍ତି। ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ସୀମାନ୍ତ ତଥା ଉପାନ୍ତ ଅଞ୍ଚଳରେ ଚାଷୀମାନଙ୍କ ଖରିଫ ଧାନ କିଣାବିକାରେ ବ୍ୟବସାୟୀ ତଥା ଦଲାଲଙ୍କ ହସ୍ତକ୍ଷେପ ରହିଛି। ବିଭିନ୍ନ ପ୍ରକାର ବାହାନା ଦେଖାଇ ଦଲାଲମାନେ କଟନି ଛଟନି ଚଳାଇଛନ୍ତି। ଛତିଶଗଡ଼ରୁ ଧାନ ଗଳାବାଟ ପଟେ ଆସି ଓଡ଼ିଶାରେ ବିକ୍ରି ହେଉଛି। ଅମ୍ବାଭୋନା ବ୍ଲକର ସୀମାନ୍ତ ବଡ଼ଧରା, ରୁଚିଦା ଗ୍ରାମର ମୁଖ୍ୟ ରାସ୍ତାରେ ପ୍ରଶାସନ ଲୋକଦେଖାଣିଆ ଭାବେ ସିସି ଟିଭି ଲଗାଇ ନିଜର ଦାୟିତ୍ୱ ସାରିଦେଇଛନ୍ତି। ମାତ୍ର ସୀମାନ୍ତ କୁମ୍ଭୋ-ରିସୋରା,ସାନସରାଇପାଲି -କେନାଡିପା,ବିରଜୁପାଲି -ମଧୁଡିପା,ବେହେରାପାଲି-ଖୈରଗଡ଼ି,ବିଲାଇଗଡ଼ -ଅମୁର୍ରା ,ବେନିଆପାଲି-ଲୁକାପରା, ଗଣ୍ଡିଆପାଲି-ଲୁକାପରା ରାସ୍ତା ମୁକୁଳା ରହିଛି। ଫଳରେ ବ୍ୟବସାୟୀଙ୍କ ଭୂସ୍ୱର୍ଗ ପାଲଟିଛି ସୀମାନ୍ତ ମୁକୁଳା ବାଟ। ଅମ୍ବାଭୋନା ପୁଲିସର ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ନ ଥିବାରୁ ଅମ୍ବାଭୋନା ଅଞ୍ଚଳରେ ଦଲାଲରାଜ୍ ମୁଣ୍ଡ ଟେକିଛି। ମଣ୍ଡିରେ ଧାନ କିଣାବିକା ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କ ଭାଷଣ କେବଳ ଭାଷଣରେ ସୀମିତ ରହିଛି। ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ଧାନ ମଣ୍ଡିରେ ଦଲାଲ ନିୟନ୍ତ୍ରଣ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଚଳିତ ବର୍ଷ ନଭେମ୍ବର ୨୧ ତାରିଖରୁ ଅମ୍ବାଭୋନା ବ୍ଲକରେ ଖରିଫ ଧାନ ସଂଗ୍ରହ ପାଇଁ ବିଧିବଦ୍ଧ ଭାବେ ମଣ୍ଡି ଖୋଲାଯାଇଛି। ଚାଷୀମାନଙ୍କ ଧାନ କିଣିବାକୁ ଲଖନପୁର, କଣ୍ଡପଲା ଓ ଭୁକ୍ତା ପାକ୍ସ ରହିଛି। ଏଥି ସହିତ ସାନସରାଇପାଲି, ବ୍ରା, ରୁଚିଦା,ଦରବାରୀ,କପାଶିରା ଆଦି ମିନି ପାକ୍ସର ବ୍ୟବସ୍ଥା ମଧ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀକୁ ଚଳିତ ବର୍ଷ ଧାନ ସଂଗ୍ରହ ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି। ନଭେମ୍ବର ୨୩ ରୁ ଧାନ କିଣାବିକା ବ୍ୟବସ୍ଥା ଆରମ୍ଭ ହୋଇଥିଲା ବେଳେ ଅଦ୍ୟାବଧି ବିଭିନ୍ନ ପାକ୍ସ ଜରିଆରେ ଅମ୍ବାଭୋନା

**● ବଢୁଛି ଚାଷୀଙ୍କ ଅସନ୍ତୋଷ**

ବ୍ଲକରେ ୩୩୫ ଜଣ ଚାଷୀଙ୍କ ୧୪ ହଜାର ୭୦୦ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଅମ୍ବାଭୋନା ବ୍ଲକରେ ବିଭିନ୍ନ ପାକ୍ସ ଜରିଆରେ ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ନରସିଂହ ଫୁଡ,ପଦ୍ମାସିନୀ, ମନୋରମା,ଟୁଲି, ଗଜଲକ୍ଷ୍ମୀ ଫୁଡ ଏଣ୍ଡ ରାଇସ, ଭଗବତୀ, ଓମଫୁଡ, ଉମାଶଙ୍କର, ଗୁରୁଜୀ ଆଦି ରାଇସ ମିଲକୁ ପର୍ଯ୍ୟାୟକ୍ରମେ ଧାନ ସଂଗ୍ରହ କରିବାକୁ ଟ୍ୟାଗ ମଧ ରହିଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଏବେ ଚାଷୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କୌଣସି ନେତା କି ପ୍ରଶାସନିକ ଅଧିକାରୀ ଆସି ତୁରନ୍ତ ସମସ୍ୟାର ସମାଧାନ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

## ପ୍ରକୃତିପ୍ରେମୀଙ୍କ ପ୍ରକୃତି ଯାତ୍ରା



**ପାଇକମାଲ, ୧୦।୧୨ (ସମିସ) :** ପାଇକମାଲ ସ୍ଥିତ ନୃସିଂହନାଥ ମନ୍ଦିର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ମନ୍ଦିରର ମୁକୁଟ ସଦୃଶ ଗନ୍ଧମାର୍ଦ୍ଦନ ପର୍ବତ ଅସରନ୍ତି ଶୋଭାର ଗନ୍ତାଘର। ସେହି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ନିମିତ୍ତ ଅନେକ ସମୟରେ ପର୍ବତାରୋହୀମାନେ ପାହାଡ଼ର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାତ୍ରା କରିଥାନ୍ତି। ଏହି ଅବସରରେ ଭୁବନେଶ୍ୱର ସଚିବାଳୟରେ କାର୍ଯ୍ୟରତ ପ୍ରକୃତିପ୍ରେମୀ ତଥା ପର୍ବତାରୋହୀ ମନୋଜ କୁମାର ପଟ୍ଟନାୟକ (ଅଣ୍ଡର ସେକ୍ରେଟେରୀ , ଖାଦ୍ୟ ଓ ଯୋଗାଣ ବିଭାଗ) ଅବିନାଶ ପଟ୍ଟନାୟକ, ତାରିଣୀ ପ୍ରସାଦ ସାହୁ ଏବଂ ଅଙ୍କିତ ଦାସ, ସୁବ୍ରତ ବିଶ୍ୱାଳ, ସମୀର ସାହୁ ପ୍ରମୁଖ ଗନ୍ଧମାର୍ଦ୍ଦନ ପାଦ ଦେଶରେ ଥିବା ନୃସିଂହନାଥ ମନ୍ଦିରଠାରୁ ଆରମ୍ଭ କରି ହରିଶଙ୍କର ପର୍ଯ୍ୟନ୍ତ ପାହାଡ଼ରେ ଦୀର୍ଘ ଚାରିଘଣ୍ଟା ଧରି ଚାଲିଚାଲି ପହଞ୍ଚିଥିଲେ। ଗାଇଡ୍ ଭାବରେ ଅଧାପକ ପ୍ରଦୀପ୍ତ କୁମାର ସାହୁ ମଧ ପର୍ବତ ଆରୋହଣରେ ଅଂଶୀଦାର ହୋଇଥିଲେ। ସୂଚନାଯୋଗ୍ୟ ଯେ, ଯାତ୍ରୀମାନେ ଆଗରୁ ହିମାଳୟ ସମେତ ଅନେକ ପର୍ବତ ଆରୋହଣ କରିଛନ୍ତି। ସେମାନେ ଜନସାଧାରଣଙ୍କୁ ଗନ୍ଧମାର୍ଦ୍ଦନର ସୋନ୍ଦର୍ଯ୍ୟ ଓ ଏହାର ବିରଳ ଔଷଧୀୟ ବୃକ୍ଷ ସବୁକୁ ନଷ୍ଟ ନକରିବା ଲାଗି ସନ୍ଦେଶ ପ୍ରଦାନ କରିଥିଲେ।

## ଚକ୍ରଧର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ପଦ୍ମପୁର, ୧୦।୧୨ (ସମିସ):** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରର ଧନ୍ଦାମୂଳକ ପ୍ରଶିକ୍ଷକ ଚକ୍ରଧର ନାୟକ ଚାକିରିରୁ ଅବ୍ୟାହତି ନେଇଥିବାରୁ ବିଦ୍ୟାଳୟ ପରିସରରେ ତାଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀ ନାୟକଙ୍କ କର୍ମମୟ ଜୀବନ ବର୍ଣ୍ଣନା କରିଥିଲେ। ତାଙ୍କ ପାଠ୍ୟଶୈଳୀ ଓ ଛାତ୍ରୀମାନଙ୍କ ପ୍ରତି ସ୍ନେହ ବିଷୟରେ କହିଥିଲେ। ଏହି ବିଦ୍ୟାଳୟ ର ରହଣୀକାଳ ମଧ୍ୟରେ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଛାତ୍ରୀମାନଙ୍କ ଅନୁରୋଧ ରକ୍ଷା କରି ରାଇମୋହନଙ୍କ ଶୈଳୀରେ ଅଭିନୟ କରି ଦେଖାଇଥିଲେ। ରବିନା ପଧାନ ସଭା ପରିଚାଳନା କରିଥିଲା ବେଳେ ମାନସ ରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶିକ୍ଷୟିତ୍ରୀ ପୂଜାରାଣୀ ନାୟକ, ସଂଯୁକ୍ତା ଭୋଇ, ବୃନ୍ଦାବତୀ ସାହୁ, ଖୁଶବୁ ବରିହା, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନୀଳିମାରାଣୀ ମହାନ୍ତି, ସୁଷମା ଦାଶ, କର୍ମଚାରୀ ଦୁଷ୍ମନ୍ତ ଛତର ଓ କମଳା କୁମ୍ଭାର ଉପସ୍ଥିତ ଥିଲେ।

## ବିଶ୍ୱ ମାନବିକ ଅଧିକାର ଦିବସ

**ପଦ୍ମପୁର, ୧୦।୧୨ (ସମିସ) :** ଜମଲା ଡିଗ୍ରୀ କଲେଜରେ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଜମଲା ଉଚ୍ଚ ମାଧମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧାପିକା ଲିଲୀମା କର ଯୋଗଦେଇଥିଲେ । ଆଲୋଚନାରେ କଲେଜର ରାଜନୀତି ବିଜ୍ଞାନର ଅଧାପକ ଝସକେତନ ସାହୁ ଓ ଅଧାପିକା କୁମୁଦିନୀ ସାହୁ ବିବରଣୀ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀମାନେ ଆଲୋଚନାରେ ଯୋଗଦେଇଥିଲେ। କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।




## ଡୁମାଲପାଲି ଏବଂ ଖରମୁଣ୍ଡା ପଞ୍ଚାୟତରେ ସାମାଜିକ ସମୀକ୍ଷା



**ଭଟଲି,୧୦ ।୧୨(ସମିସ):** ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା ଭଟଲି ବ୍ଲକ ଅନ୍ତର୍ଗତ ଡୁମାଲପାଲି ଏବଂ ଖରମୁଣ୍ଡା ଗ୍ରାମ ପଞ୍ଚାୟତରେ ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧ ଅପ୍ରେଲ ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟବହୃତ କାଗଜପତ୍ର ଯାଞ୍ଚ ତଥା ଗୃହ ପରିଦର୍ଶନ ପରେ ବାହାରିଥିବା ବିଭିନ୍ନ ସମସ୍ୟା ଏବଂ ଅଭିଯୋଗ ଗ୍ରାମ୍ୟ ସମ୍ବଳ କର୍ମୀ ତଥା ଜନସାଧାରଣଙ୍କ ଦ୍ୱାରା ଗ୍ରାମସଭାରେ ଉପସ୍ଥିତ ହିତାଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନିଷ୍ପତ୍ତି ନିଆଯାଇଥିଲା । ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁ ଡୁମାଲପାଲି ଗ୍ରାମ ପଞ୍ଚାୟତ ଗ୍ରାମସଭାରେ ଯୋଗଦେଇ ଯୋଜନାରେ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଗ୍ରାମସଭାରେ ଡୁମାଲପାଲି ସରପଞ୍ଚ ତପସ୍ୱିନୀ ବଡ଼େଇ, ଖରମୁଣ୍ଡା ସରପଞ୍ଚ କୁମୁଦିନୀ ପଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ କୁମାର ସେଠ, ସନ୍ୟାସ ସେଠ,ଏଡିଇଓ ଯୁଧିଷ୍ଠିର ପଟେଲ, ଗ୍ରାମ ରୋଜଗାର ସହାୟକ ଜ୍ୟୋତି ଝାଙ୍କର, ଗ୍ରାମ୍ୟ ସମ୍ବଳ କର୍ମୀ, ଶ୍ରମିକ, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତଥିଲେ । ରେକର୍ଡ ପତ୍ର ଯାଞ୍ଚ ସମୟରେ ବାହାରିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହେଲା । ଗ୍ରାମ୍ୟ ସମ୍ବଳ କର୍ମୀ ସାବିତ୍ରୀ ସା, ଅରୁଣା ସେଠ୍, ରେଖା ମଲ୍ଲିକ ଏବଂ ସୁଷମା ବଣିଆଁ ଯୋଗଦେଇ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଫୁଲମତୀପୁର ବିଦ୍ୟାଳୟରେ ଶିକ୍ଷକ ଅଭାବ

**● ଜରାଜୀର୍ଣ୍ଣ ଶ୍ରେଣୀ କୋଠରି**

**ଦହିତା, ୯।୧୨ (ସମିସ):** ପଦ୍ମପୁର ଉପଖଣ୍ଡ ବୁଡେନ ପଞ୍ଚାୟତର ଫୁଲମତୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ଥିବାବେଳେ ସମୁଦାୟ ୯୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ମାତ୍ର ଚାରିଜଣ ଶିକ୍ଷକରେ ସମସ୍ତ କାର୍ଯ୍ୟ ଚାଲିଛି। ସେହିପରି ଏଠାକାର ୩ଟି କୋଠରିର ଅବସ୍ଥା ଶୋଚନୀୟ। ଛାତ ଦୁର୍ବଳ ଥିବାରୁ ସିମେଣ୍ଟ ଅତଡ଼ା ଖସି ଛାତ୍ରଛାତ୍ରୀଙ୍କ ମୁଣ୍ଡରେ ପଡୁଛି। ଛାତର ଛଡ଼ଗୁଡିକ ବାହାରି ପଡ଼ିଛି। ଫଳରେ ଛାତ୍ରଛାତ୍ରୀ ବହୁ ଅସୁବିଧା ଓ ଭୟରେ ବସି ପାଠ ପଢୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବା ଶିକ୍ଷା ପରିଚାଳନା କମିଟି ଅଭିଯୋଗ କରିଛି। ଏନେଇ ଉକ୍ତ ବିଦ୍ୟାଳୟରେ ଆଉ ୩ ଜଣ ଶିକ୍ଷକଙ୍କୁ ନିଯୁକ୍ତି ସହ ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖରେ ସେମାନେ ଦାବି ଜଣାଇଛନ୍ତି। ତୁରନ୍ତ ଏନେଇ ବ୍ୟବସ୍ଥା କରିବା ଲାଗି ଅଭିଭାବକମନେ ଦାବି କରିଛନ୍ତି।

## ନିୟମିତ ହେଲେ ୩୨ କନିଷ୍ଠ ଶିକ୍ଷକ



ପଦ୍ମପୁର, ୧୦।୧୨(ସମିସ): ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମେ ୨୦୧୮ ରୁ କାର୍ଯ୍ୟରତ ୩୨ ଜଣ କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଚାକିରି ନିୟମିତ ହୋଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା ୨୫୨୬୬/ତା ୫-୧୦-୨୦୨୪ ଅନୁଯାୟୀ ଏବଂ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପଦ୍ମପୁର ପତ୍ରସଂଖ୍ୟା ୪୦୫୭ ତା ୯-୧୨-୨୦୨୪ ଅନୁସାରେ ବ୍ଲକ ଶିକ୍ଷାଅଧିକାରୀ ଲୋକନାଥ ଭୋଇ ୩୨ ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଶ୍ରୀ ଭୋଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଓ ଗୁଣାତ୍ମକ ଶିକ୍ଷା ପାଇଁ କାମ କରିବା ନିମନ୍ତେ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଏବିଇଓ ଶିବପ୍ରସାଦ ଯୋଶୀ, ରାମସିଂ ଭୋଇ ଓ ବିଶିକେସନ ଶତପଥୀ ଏବଂ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କନିଷ୍ଠ ଶିକ୍ଷକ ଭାବରେ ନିଯୁକ୍ତିପ୍ରାପ୍ତ ଶିକ୍ଷକମାନେ ୬ ବର୍ଷ ଧରି ଶୃଙ୍ଖଳିତ ସେବା କଲାପରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଉପଯୁକ୍ତ ବିବେଚିତ ହୋଇ ନିୟମିତ ହୋଇଥାନ୍ତି।

## ଆନ୍ତର୍ଜାତିକ ମାନବ ଅଧିକାର ଦିବସ ପାଳିତ

ପଦ୍ମପୁର, ୧୦।୧୨ (ସମିସ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନା ଆନୁକୂଲ୍ୟରେ ଆନ୍ତର୍ଜାତିକ ମାନବ ଅଧିକାର ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ପ୍ରଶାନ୍ତ ସିଦାର, ଭୁବନେଶ୍ୱର ବରିହା, ଡ. ଖଗେଶ୍ୱର ଦାସ, ଡ. ସରୋଜ ନାଏକ, ପ୍ରକୃତିବନ୍ଧୁ ମୀନକେତନ ସାହୁ ଯୋଗଦାନ କରିଥିଲେ। ଓଡ଼ିଶା ରାଜ୍ୟ ପୁରସ୍କାରପ୍ରାପ୍ତ ପରିଭ୍ରମଣକାରୀ ନନ୍ଦୀ ଘୋଷ ଖମାରୀ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ପ୍ରେରଣା ହୋଇଥିଲେ। ରାଷ୍ଟ୍ରୀୟ ସେବା ଯୋଜନା ସଂଯୋଜକ ସଞ୍ଜୟ ତିଗା ସଂଚାଳନ କରିଥିବା ବେଳେ ଅଧାପିକା ବୁନି ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧାପକ ଅଧାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ନନ୍ଦିଘୋଷ ଖମାରୀଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୧୦।୧୨ (ସମିସ):** ସ୍ଥାନୀୟ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟ,ପଦ୍ମପୁର ଠାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିଳାଷ ସାହୁଙ୍କ ସଭାପତିତ୍ୱରେ ସାଇକଲ ପରିଭ୍ରମଣକାରୀ ନନ୍ଦିଘୋଷ ଖମାରୀଙ୍କୁ ସମ୍ମାନିତ କରାଯାଇଛି। ଯାହାଙ୍କ ଉଦ୍ୟମ ଯୋଗୁଁ ସେ ସାରା ଭାରତକୁ ସାଇକଲ ମାଧମରେ ୨୦,୦୦୦ କିମି ୫୪୮ ଦିନ ମଧରେ ଭ୍ରମଣ କରିଥିଲେ। ପ୍ରକୃତିର ସୁରକ୍ଷା, ପ୍ରାକୃତିକ ପରିବେଶର ସଂରକ୍ଷଣ ଏବଂ ପ୍ରଦୂଷଣ ମୁକ୍ତ ପରିବେଶ ଗଠନରେ ତାଙ୍କର ବାର୍ତ୍ତା ତଥା ପ୍ରେରଣା ଛାତ୍ରମାନଙ୍କୁ ଅବଗତ କରାଇଥିଲେ। ସଭାରେ ପ୍ରକୃତି ବନ୍ଧୁ ମୀନକେତନ ସାହୁ ଏବଂ ସାମାଜିକ କର୍ମୀ ନୀରୋଜ ଦୋରା ଯୋଗଦାନ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



## ପଦ୍ମପୁର ଲୋକମହୋତ୍ସବର ବାଣିଜ୍ୟ ମେଳା ଉଦ୍‌ଘାଟିତ



**ପଦ୍ମପୁର, ୧୦।୧୨(ସମିସ):** ପଦ୍ମପୁର ସ୍ଥାନୀୟ ଟାଉନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଚତୁର୍ଥ ପଦ୍ମପୁର ଲୋକମହୋତ୍ସବ ଆସନ୍ତା ୧୮ ତାରିଖରୁ ସାଂସ୍କୃତିକ ପର୍ବ ଆରମ୍ଭ ହେବାକୁ ଯାଉଥିବା ବେଳେ ଆଜି ସ୍ଥାନୀୟ ଅଶୋକ ଖେଳପଡ଼ିଆଠାରେ ବାଣିଜ୍ୟ ମେଳା ଉଦଘାଟିତ ହୋଇଯାଇଛି। ଏହି ବାଣିଜ୍ୟ ମେଳାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଘରୋପକରଣ, ସାଜସଜ୍ଜା, ମସଲା, କପଡ଼ା ଆଦି ବହୁ ପ୍ରକାରର ଦୋକାନ ବ୍ୟବସାୟୀ ଆସିଥିବା ବେଳେ ଖାଦ୍ୟପେୟ ପାଇଁ ମଧ ବିଭିନ୍ନ ପ୍ରକାରର ସର୍ବମୋଟ ୧୪୦ ଟି ଷ୍ଟଲ ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନାବଜାର ଲାଗିଛି। ତେବେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଓ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସିହ୍ନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଣିଜ୍ୟ ମେଳାକୁ ଉଦଘାଟନ କରିଥିଲେ। ଏହି ପର୍ବରେ ମହୋତ୍ସବ କମିଟିର ଆବାହକ ଅଶୋକ କୁମାର ମିଶ୍ର, ସମ୍ପାଦକ ଇଂ. କୁନାଲ ପାଣିଗ୍ରାହୀଙ୍କ ସହ ନରେଶ ସୁନ୍ଦର ସାହୁ, ଦିନେଶ ବାରିକ, ଅଖିଳ ପଟ୍ଟନାୟକ, ସୁରେଶ ସାହୁ, ପ୍ରତାପ ନାଥ, ଜ୍ୟୋସ୍ନା କର, ସୂରଜ ଭୋଇ, ଆଦେଶ କୁମାର ସାହୁ, ଆଲୋକ ଯୋଶୀ, ବିନୀତ ପାତ୍ର, ଆୟୁଷ ଯୋଶୀ, ଓମ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ତେବେ ଲୋକେ ବାଣିଜ୍ୟ ମେଳା ଓ ମୀନାବଜାରକୁ ଉପଭୋଗ କରନ୍ତୁ ବୋଲି ଆୟୋଜକ କମିଟି ତରଫରୁ ନିମନ୍ତ୍ରଣ କରାଯାଇଛି।

### ପଞ୍ଚମ ଧ୍ରୁବରାଜ୍ ଡାଙ୍ଗ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ବୀରମହାରାଜପୁର ଚାମ୍ପିଅନ




**ବରଗଡ଼, ୧୦ । ୧୨(ସମିସ):**

ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡିୟମ୍ ଠାରେ ଆୟୋଜିତ ହେଉଥିବା ପଞ୍ଚମ ଧୃବରାଜ୍ ଡାଙ୍ଗ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସୋନପୁର ଜିଲ୍ଲା ବୀରମହାରାଜପୁର ଦଳ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ଚାମ୍ପିଅନ ହୋଇଛି। ମୁକାବିଲାରେ ଉଭୟ ଦଳ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ ମଧ ବୀରମହାରାଜପୁର ଦଳର ଖେଳାଳିଙ୍କ ମଧରେ ଉତ୍ତମ ବୁଝାମଣା ଯୋଗୁଁ ୨-୦ ଗୋଲରେ ବିଜୟୀ ହୋଇଥିଲା। ଆଜିର ଫାଇନାଲ ଖେଳକୁ ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଶୁଭମ୍ ପାତ୍ର ଓ ସଚିନ ଭୋଇ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ଅଜୟ ପ୍ରଧାନ।

ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରାକ୍ତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବରେ ବରଗଡ଼ ୟୁନାଇଟେଡ କ୍ଲବ ଦଳର ସୌରଭ ଭୋଇ , ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ବୀରମହାରାଜପୁର ଦଳର ବିନି କିସାନ, ଶ୍ରେଷ୍ଠ ସ୍କୋରର ଭାବରେ କଦଳୀପାଲି ଦଳର ବିବେକ ବାଗ , ଶ୍ରେଷ୍ଠ ଗୋଲ ରକ୍ଷକ ଭାବରେ ଅମସ୍ତଲା ଦଳର ରିକୁ ମହାପାତ୍ର ଏବଂ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବରେ ବୀରମହାରାଜପୁର ଦଳର ଖେଳାଳୀ ଚିନି କିଷାନଙ୍କୁ ପୁରସ୍କୃତ କରାଯାଇଥିଲା। ଦୁଇଜଣ ସ୍ୱେଚ୍ଛାସେବୀ କାଳିଆ ଓ ଶିବୁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧରେ ଫୁଟବଲ ଏସୋସିଏସନ୍ ଅଫ ଓଡ଼ିଶାର ଉପସଭାପତି ରବି ପଣ୍ଡା, ଜିଲ୍ଲା କ୍ରୀଡ଼ା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂ, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, ଫୁଟବଲ୍ ସମ୍ପାଦକ ସେକ ସବଦର୍ , ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, ପ୍ରାକ୍ତନ ଖେଳାଳି କୃଷ୍ଣ ଝାଙ୍କର, ପ୍ରେମାନନ୍ଦ ପଟେଲ, କୁମର ମହାରଣା, ଅତିଶ ପଣ୍ଡା, ଜ୍ଞାନରଞ୍ଜନ ପୂଜାରୀ , ସନ୍ତୋଷ ପଣ୍ଡା, ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଅନ୍ୟମାନଙ୍କ ମଧରେ ପ୍ରତାପ ଦାଶ, ବାବଲୁ ଦାଶ, ବିକାଶ ବିଶ୍ୱାଳ, ପ୍ରଶାନ୍ତ ଜେନା, ରାଜୁ ବେହେରା, ଦୀପକ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ,ରୁଦ୍ର ସାହୁ, ପ୍ରଶାନ୍ତ ଦାଶ, ରାଧେଶ୍ୟାମ ଦାଶ, ଦୋଳାମଣି ସାହୁ, ପଞ୍ଚାନନ ପାତ୍ର, ଅନିଲ ଦୀପ ପ୍ରମୁଖଙ୍କ ସହ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ପଲନା ପଞ୍ଚାୟତରେ ଦୁର୍ନୀତି ଚରମ ସୀମାରେ

# ତଦନ୍ତରେ ରୋକ୍ ଲଗାଇବାକୁ ଅପଚେଷ୍ଟା

**ଭବାନୀପାଟଣା, ୧୦।୧୨(ସମିସ):** କଳାହାଣ୍ଡି ଜିଲ୍ଲାରେ ମନେରେଗା ଦୁର୍ନୀତିର ଫର୍ଦ୍ଦ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ ଭାବେ ଭବାନୀପାଟଣା ସଦର ବ୍ଲକର ପଞ୍ଚାୟତଗୁଡ଼ିକରେ ହୋଇଥିବା ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ତେବେ ୩୬ ପଞ୍ଚାୟତ ମଧ୍ୟରୁ ପଲନା ପଞ୍ଚାୟତ ଏବେ ଚର୍ଚ୍ଚାର ଶୀର୍ଷରେ ରହିଛି। ଶାସକ ଦଳର ନୂଆ ଟ୍ରେଣ୍ଡଭାବେ ଦଳୀୟ ନେତା ଦୁର୍ନୀତିର ତଦନ୍ତରେ ରୋକ ଲଗାଇବାକୁ ଭିଜିଲାନ୍ସ ଉପରେ ଚାପ ପକାଉଥିବା ଶୁଣିବାକୁ ମିଳୁଛି। ଚାକିରି ଖାଇଦେବା, ମାଲକାନଗିରି, କୋରାପୁଟର ଦୁର୍ଗମ ଅଞ୍ଚଳକୁ ବଦଳି କରିଦେବାର ଧମକ ଦେଉଛନ୍ତି। ଭିଜିଲାନ୍ସ ଏସ୍‌ପି କିନ୍ତୁ ଏହି ଚାପ ପ୍ରୟୋଗ କଥାକୁ ଏଡାଇ ଦେଇ ସେମିତି କିଛି ଚାପ ପଡ଼ିନାହିଁ ବୋଲି ପ୍ରକାଶ କରିଛନ୍ତି।

କିଛିଦିନ ପୂର୍ବେ ଭବାନୀପାଟଣା ବ୍ଲକର କେତେକ ସରପଞ୍ଚ ଭୁବନେଶ୍ୱର ଯାଇ ଜଣେ ପୂର୍ବତନ ବିଜେପି ବିଧାୟକଙ୍କୁ ଭେଟିଥିଲେ। ଗୋଟିଏ ପଞ୍ଚାୟତର ଦୁର୍ନୀତିର ପୃଷ୍ଠା ଖେଳାଉ ଖେଳାଉ ଭିଜିଲାନ୍ସ ପକ୍ଷରୁ ବ୍ଲକର ଅନ୍ୟ ପଞ୍ଚାୟତ ଗୁଡିକର ଷ୍ଟାଟସ ମଗା ଯାଇଛି। ସବୁ ପଞ୍ଚାୟତରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଭବାନୀପାଟଣା ସଦର ବ୍ଲକ ଅଧୀନ ପଲନା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଉପରେ କାମ ନ କରି ମନରେଗା ବିଲ୍, ପାଣି ଭର୍ତ୍ତି ପୋଖରୀ ଭିତରେ ମନରେଗା ବିଲ୍, ରାସ୍ତା କାମରେ ମୁଠାଏ ମାଟି ପଡ଼ି ନ ଥିବା ସତ୍ତ୍ୱେ ୪୦ ଲକ୍ଷ ଟଙ୍କାର ମିଛ କାମରେ ବିଲ୍ ପାସ କରି ଟଙ୍କା ଆମ୍ରୃତ ଅଭିଯୋଗ ହୋଇଥିଲା। ପିଇଓ, ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀଙ୍କ ଜ୍ଞାତସାରରେ ଏତେବଡ଼ ବେନିୟମ କାର୍ଯ୍ୟ କରିବାକୁ ଦୁଃସାହସ କଲେ କେମିତି ବୋଲି ପ୍ରଶ୍ନ ଉଠୁଛି। ଭବାନୀପାଟଣା ପୂର୍ବତନ ବିଡ଼ିଓ ବିଲ୍ ପାସ୍ କରିବା ପୂର୍ବରୁ କାହିଁକି ତଦନ୍ତ କଲେନାହିଁ ତାହା ପ୍ରଶ୍ନ ସୃଷ୍ଟି କରିଛି। ପଲନା ପଞ୍ଚାୟତର ଏଭଳି ମହାଦୁର୍ନୀତି ଭିତରେ ୪୦ ଲକ୍ଷ ଟଙ୍କା ଚଲୁ ଘଟଣାକୁ ଗ୍ରାମବାସୀ ସହଜରେ ହଜମ କରିପାରି ନାହାନ୍ତି। ଦୁର୍ନୀତି ସମ୍ପର୍କରେ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ସୂଚନା ଅଧିକାର ଆଇନ୍ ଦ୍ୱାରା ତଥ୍ୟ ମାଗିଥିଲେ ସୁଦ୍ଧା ଉତ୍ତର ପାଇ ନାହାନ୍ତି। ବାରମ୍ବାର ପଞ୍ଚାୟତବାସୀ ଦୁର୍ନୀତି ଘଟଣାରେ ଥିବା ପରଦା ପଛର ଚରିତ୍ରମାନଙ୍କୁ ଜାଣିବା ପାଇଁ ଚେଷ୍ଟାକରି ବିଫଳ ହୋଇଛନ୍ତି। ଶେଷରେ ଭିଜିଲାନ୍ସର ଦ୍ୱାରସ୍ଥ ହେବାକୁ ପରିସ୍ଥିତି ବାଧ୍ୟ କରିଥିଲା। ଏବେ ଭିଜିଲାନ୍ସ ଦୁର୍ନୀତିର ଖୋଳତାଡ଼ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ରିପୋର୍ଟ ପଠାଇଛି।

### ମନେରେଗା କାମରେ ଅନିୟମିତତା

୨୨-୨୩, ୨୩-୨୪ରେ କାମ ନ ହୋଇ ବଡ଼ ଧରଣର ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ ହୋଇଛି। ସରପଞ୍ଚ, ଜେଇ, ବିଡ଼ିଓ ଆଉ ଭେଣ୍ଡର ଠିକାଦାର ପ୍ରମୁଖ ସମସ୍ତେ ଏବେ ଭିଜିଲାନ୍ସର ସ୍କାନରେ। ଭବାନୀପାଟଣା ବ୍ଲକ ପଲନା ପଞ୍ଚାୟତରେ ୨ ବର୍ଷ ଧରି ମିଳିମିଶି ଲୁଟ୍ କରୁଥିଲେ ସୁଦ୍ଧା ସବୁ ଚୁପ ରହୁଥିଲେ। ଆଶ୍ଚର୍ଯ୍ୟ କଥା ପ୍ରଧାନମନ୍ତ୍ରୀ ସଡ଼କ, ପିଚୁ ରାସ୍ତା ଉପରେ ୧୦ ଲକ୍ଷ ଟଙ୍କାର ମାଟି ଓ ମୋରମ କାମ ହୋଇଥିବା ଦର୍ଶାଇ ମନରେଗାରେ ବିଲ୍ କରି ହଡ଼ପ ହୋଇଛି। ୨୦୧୯ରେ ପିଚୁ ରାସ୍ତା ନିର୍ମାଣ ହୋଇଛି; କିନ୍ତୁ ୨୦୨୩ରେ ମନରେଗା ମାଧ୍ୟମରେ ୧୦ଲକ୍ଷ ଟଙ୍କା ବିଲ୍ ହୋଇଛି। ଦୁଧେଲ (ମାଝୀପଡ଼ା)ଠାରୁ ପଲନା ରାସ୍ତା ମରାମତିରେ ୯, ୨୧, ୬୪୯ ଟଙ୍କା ଉଠିଛି। ପଲନା ପିଏମଜିଏସୱାଇଠାରୁ ଗହିରପଡ଼ା ରାସ୍ତା ଲାଗି ୮, ୯୦, ୫୩୫ ଟଙ୍କା ଉଠାଯାଇଛି। ଖୋଟଲାବନ୍ଦ(ପୋଖରୀ)ରେ କାମ ଆଳରେ ୧୦ଲକ୍ଷ ଟଙ୍କା ଉଠିଛି। ପଲନା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ଉପରେ ଏନଆରଜିଏସ କାମ ନାଁରେ ୧୦ଲକ୍ଷ ଟଙ୍କା ହଡପ ହୋଇଛି। ପଲନ ଗାଁରେ ୧୯ ଜଣ ହିତାଧିକାରୀଙ୍କ ସୋକ୍‌ପିଟ୍ କାମ ଆଳରେ ୩୦୦ଟି ସୋକପିଟର ବିଲ୍ ହୋଇଛି। ବରମୁଣ୍ଡା ଟାଙ୍କି ନିର୍ମାଣ ନାଁରେ ୯, ୯୫, ୯୭୭ ମିଛ ବିଲ୍ କରାଯାଇଛି। ପଞ୍ଚାୟତରେ ମଧ୍ୟ ଏ ସବୁ ବିଲ୍ ମଞ୍ଜୁର ହୋଇଛି। ଭିଜିଲାନ୍ସ ଟେକ୍ନିକାଲ ଏକ୍ସପାର୍ଟଙ୍କ ସହିତ ତନ୍ନତନ୍ନ କରି ତଦନ୍ତ କରି ରିପୋର୍ଟ ପଠାଇଛି। ଅଧିକାଂଶ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବାଲି-ଗୋଡି-ସିମେଣ୍ଟର ବିଲ ଭାଉଚର ନ ଥିବା ଭିଜିଲାନ୍ସ ହାତରେ ସମସ୍ତ ତଥ୍ୟ ଲାଗିଛି। ବର୍ତ୍ତମାନର ଭବାନୀପାଟଣା ବିଡ଼ିଓ ଚନ୍ଦନ ଭୋଇଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଭିଜିଲାନ୍ସ ତଦନ୍ତ ଭାର ନେଇଛି। ସମସ୍ତ କାଗଜପତ୍ର ଭିଜିଲାନ୍ସ ପାଖରେ ଅଛି। ତଥାପି ତଦନ୍ତ ପାଇଁ ଗୋଟିଏ ଟିମ୍ ଗଠନ କରାଯାଇଛି। ଭିଜିଲାନ୍ସ ଅନ୍ୟ ପଞ୍ଚାୟତର ଯେଉଁ ଷ୍ଟାଟସ ମାଗିଛି ତାହା ଦିଆଯାଇନି। ଧୀରେ ଧୀରେ ଦେବାକୁ ପ୍ରସ୍ତୁତି ଚାଲଇଛି।

## ବାଲ୍ୟବିବାହ ରୋକିଲା ପ୍ରଶାସନ



**ନୂଆପଡ଼ା/ବରଗଡ଼, ୧୦।୧୨(ସମିସ):** ସରକାରୀ ନିୟମାନୁଯାୟୀ ଝିଅ ଏବଂ ପୁଅଙ୍କ ବିବାହ ବୟସ ଯଥାକ୍ରମେ ୧୮ ବର୍ଷ ଏବଂ ୨୧ବର୍ଷ ବୟସ ରଖାଯାଇଛି। ଏହାକୁ ଉଲଙ୍ଘନ କଲେ ନିୟମାନୁଯାୟୀ ଦଣ୍ଡନୀୟ ଅଟେ। ହେଲେ ଏଭଳି ଏକ ଘଟଣା ନୂଆପଡ଼ା ଏବଂ ବରଗଡ଼ ଜିଲ୍ଲା ପ୍ରଶାସନର ନଜରକୁ ଆସିବା ପରେ ଏଥିରେ ହସ୍ତକ୍ଷେପ କରି ରୋକାଯାଇପାରିଛି। ପ୍ରକାଶ ଯେ ନୂଆପଡ଼ା ଜିଲ୍ଲା ଧର୍ମବନ୍ଧା ଥାନା ସେଠ ଜାମପାଣି ଗାଁର ଜଣେ ନାବାଳିକାଙ୍କୁ ବରଗଡ଼ ଜିଲ୍ଲା ଝାରବନ୍ଧ ଥାନା ବିଳାସ ପୁର (ଭଣ୍ଡାରଜୋରି )ଗାଁର ଜଣେ ଅପ୍ରାପ୍ତ ବୟସ୍କ ପୁଅ ସହ ବିବାହ ଠିକ ହୋଇଥିଲା। ମଙ୍ଗଳବାର ସକାଳେ ଭଣ୍ଡାରଜୋରି ଗାଁରୁ ବରପକ୍ଷ ଲୋକ ବରାତି ବାହାରିଥିଲେ। ଏହି ଖବର ପାଇ ଝାରବନ୍ଧ ବ୍ଲକ ଶିଶୁ ବିକାଶ ବିଭାଗ ତରଫରୁ ଏକ ଟିମ୍ ବରପକ୍ଷ ଘରେ ପହଞ୍ଚି ବୁଝାସୁଝା କରିବା ପରେ ନୂଆପଡ଼ା ବ୍ଲକ ପ୍ରଶାସନକୁ ଖବର ଦେଇଥିଲେ। ନୂଆପଡ଼ା ବ୍ଲକ ତରଫରୁ ଶିଶୁ ସୁରକ୍ଷା ବିଭାଗ ସେଠ ଜାମପାଣି ଗାଁରେ ପହଞ୍ଚି କନ୍ୟା ପକ୍ଷଙ୍କୁ ବୁଝାଇବାରୁ ବିବାହ ବନ୍ଦ ହୋଇଥିଲା। ଏଥିରେ ସିଡିପିଓ ନିରୁପମା ନାଗ, ଜିଲ୍ଲା ସଂଯୋଜକ ରଞ୍ଜନ ସାହୁ, ଧର୍ମ ବନ୍ଧା ଥାନାଧିକାରୀ ବିନୋଦ ବିହାରୀ ସେଠୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ ବିକାଶ ପାତ୍ର ପ୍ରମୁଖ ସାମିଲ ଥିଲେ।

## ନାବାଳିକା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

**ନୂଆପଡ଼ା, ୧୦।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଞ୍ଚଳରେ ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ଦେବା ସହ ପୀଡ଼ିତାଙ୍କୁ ଜିଲ୍ଲା ଆଇନ ସହାୟତା ପ୍ରାଧିକରଣ (ଡିଏଲଏସଏ)ରୁ ୪ ଲକ୍ଷ ଟଙ୍କାର ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ୨୦୨୧ ମସିହା ମାର୍ଚ୍ଚ ୪ ତାରିଖ ଦିନ ଜଣେ ନାବାଳିକା(୧୭ବର୍ଷ) ଶୌଚହେବା ପାଇଁ ସ୍ଥାନୀୟ କ୍ଷେତକୁ ଯାଇଥିଲେ। ହେଲେ ରାତି ସୁଦ୍ଧା ଘରକୁ ଫେରି ନଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି ନ ମିଳିବାରୁ ନାବାଳିକାଙ୍କ ବାପା ସିନାପାଲି ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିବା ସହ ଛାନଭିନ ପରେ ନାବାଳିକା ଜଣକ ଗାଁ ସ୍କୁଲର ଶୌଚାଳୟରେ ଥିବା ଦେଖିବାକୁ ପାଇଥିଲେ। ପଚରାଉଚରା କରିବାରୁ ନାବାଳିକା ପୁଲିସ ନିକଟରେ ଉକ୍ତ ଗାଁର ପୁଷ୍ପରାଜ ମାଝୀ(୨୩) ନାମକ ଜଣେ ଯୁବକ ଦୁଷ୍କର୍ମ କରିଥିବା ପ୍ରକାଶ କରିଥିଲା। ଏନେଇ ପୁଲିସ ପୋକ୍ସୋ ଆକ୍ଟରେ ମାମଲା ରୁଜୁକରି ଅଭିଯୁକ୍ତ ପୁଷ୍ପରାଜକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମିନାକ୍ଷୀ ଦାସ ୨୧ ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ପୁଷ୍ପରାଜକୁ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡ଼ିତା ନାବାଳିକାକୁ ତୁରନ୍ତ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ଘାସିରାମ ବାଗ ପରିଚାଳନା କରିଥିଲେ।

## ନିଜ ଗାଡ଼ିରେ ଚାପିହୋଇ ମାଲିକଙ୍କ ମୃତ୍ୟୁ

**ବୌଦ୍ଧ ୧୦।୧୨(ସମିସ):** ପୁରୁଣାକଟକ ଥାନା ଚାରିଛକ ନିକଟରେ ନିଜ ଗାଡି ଧକ୍କାରେ ମାଲିକଙ୍କ ମୃତ୍ୟୁ ଘଟିଛି। ମୃତ ମାକ୍ସ ପିକଅପ ମାଲିକଙ୍କ ନାମ କେଶବ ସାହୁ। ଘର ଗଞ୍ଜାମ ଜିଲା ଆସ୍କା ନିକଟ ବେତନଇ। ବୌଦ୍ଧ ପଟରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ମାକ୍ସ ପିକଅପରେ ଯାଉଥିବା ଗାଡି ମାଲିକ ଓ ଡ୍ରାଇଭର ଚାରିଛକରେ ଚା ପିଇବା ପାଇଁ ଓହ୍ଲାଇଥିଲେ। ଚା' ପିଇବା ପରେ ଗାଡି ମାଲିକ ଗାଡି ପଛରେ ଛିଡା ହୋଇଥିବା ବେଳେ ଡ୍ରାଇଭର ଗାଡିକୁପଛକୁ ଘୁଞ୍ଚାଉ ଥିବା ବେଳେ ପଛ ପାର୍ଶ୍ୱରେ ଛିଡା ହୋଇଥିବା ମାଲିକଙ୍କୁ ଗାଡି ଧକ୍କା ଦେଇଥିଲା। ଏହା ଫଳରେ ସେ ତଳେ ସଞ୍ଜ୍ଞାହୀନ ହୋଇ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ପୁରୁଣା କଟକ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୁରୁଣା କଟକ ପୁଲିସ୍ ଗାଡି ଓ ମୃତଦେହକୁ ଜବତ କରି ତଦନ୍ତ କରୁଛି।

## ବେଆଇନ ଧଳାପଥର ଖନନ ଅଭିଯୋଗ

**ସୁବଳୟା, ୧୦।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ବେଆଇନ ଭାବରେ ଧଳାପଥର ଉତ୍ତୋଳନ କରି ବେଧଡ଼କ ଭାବେ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଉପାନ୍ତ ଅଞ୍ଚଳରେ ଥିବା ସରକାରୀ ଜମି, ଜଙ୍ଗଲ ଜମିରୁ ଅହରାତ୍ର ଜେସିବି ସହାୟତାରେ ଉକ୍ତ ପଥର ଉତ୍ତୋଳନ କରାଯାଉଛି। ସେଗୁଡ଼ିକ ଗୋଟିଏ ସ୍ଥାନରେ ଗଚ୍ଛିତ ରଖାଯିବା ପରେ ଟ୍ରାକ୍ଟର ଓ ଟ୍ରକ୍‌ରେ ପ୍ରତ୍ୟେହ ବାହାର ରାଜ୍ୟକୁ ବହୁ ମୂଲ୍ୟ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ ହେଉଛି। ସ୍ଥାନୀୟ ଅମରପାଲିସ୍ଥିତ ଝାରବନ୍ଧ, ବରକଟା (ବଡ଼ବନ୍ଧ)ହିଡ଼ତଳେ ଥିବା ଛୋଟ ପାହାଡ଼ ସହ ଅନ୍ୟାନ୍ୟ ସ୍ଥାନରେ ଖଣିଜ ପଥର ଉତ୍ତୋଳନ ହେଉଛି। ସେହିପରି କମିରା ପଞ୍ଚାୟତ ଅଧୀନ ବିକଳପୁର ଓ ଯୁବରାଜପୁର ରାସ୍ତା ମଝିରେ ଥିବା ବାବା ମଠ ନିକଟରେ ବେଆଇନ ଭାବେ ମୂଲ୍ୟବାନ ପଥର ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି। ଉପଖଣ୍ଡରେ ଖଣି ବିଭାଗର କାର୍ଯ୍ୟାଳୟ ନଥିବାରୁ ଏହାର ସୁଯୋଗ ନେଇ ଅସାଧୁ ବ୍ୟକ୍ତିମାନେ ମନଇଚ୍ଛା ଉତ୍ତୋଳନ କରି ଚୋରାଚାଲାଣ କରୁଛନ୍ତି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି। ବିଭିନ୍ନ ସମୟରେ ସ୍ଥାନୀୟ ପୁଲିସ ଓ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏଥିରେ ରୋକ୍ ଲାଗିପାରୁନାହିଁ। ଏନେଇ ଜିଲ୍ଲା ଖଣି ଅଧିକାରୀ ସୌମ୍ୟରଞ୍ଜନ ଦାସଙ୍କୁ ଯୋଗାଯୋଗ କରାଯିବାରୁ ମୁଁ ଏଠାରେ ଚଢ଼ଉ କରିପାରିବି ନାହିଁ, ବଲାଙ୍ଗିର ଖଣି ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ବୋଲି କହିଥିଲେ। ଏନେଇ ବଲାଙ୍ଗିର ଖଣି ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଲୋକ ପଠାଉଛି ସାର ଛୁଟିରେ ଅଛନ୍ତି, ଷ୍ଟାପ୍ କମ୍ କହି ଦେଖୁଛି ବୋଲି କହିଥିଲେ।



• ରାଜସ୍ୱ ହରାଉଛନ୍ତି ସରକାର

## କୃଷକ ଓ କୃଷିଜୀବୀ ମହିଳା ତାଲିମ ଶିବିର

**ବୌଦ୍ଧ, ୧୦।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତ ଦନ୍ତାପାଲିସ୍ଥିତ ମାହେଶ୍ୱରୀ ଗୋଶାଳା ଓ ଜରା ଆଶ୍ରମରେ ଏକ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ପାଳଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ମାହେଶ୍ୱରୀ ଗୋଶାଳା, ଗଞ୍ଜାମ ଛତ୍ରପୁର ସ୍ୱଦେଶ ବୈଦ୍ୟଶାଳ, ମଥୁରା ପଞ୍ଚାୟତର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମଥୁରା ଓ ରାଧାନଗର ପଞ୍ଚାୟତ ଅଞ୍ଚଳର ଆଗ୍ରହୀ କୃଷକ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ସାମିଲ ହୋଇଥିଲେ। ଜୈବିକ କୃଷି, ପନିପରିବା ଚାଷ, ଛତୁ ଚାଷ, ମହୁ ଚାଷ, ଗୋପାଳନ, କୁକୁଡ଼ା, ବତକ, ମାଛ ଚାଷ ଭଳି ସମନିତ୍ୱ କୃଷି ଦ୍ୱାରା ପରିବାରର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସେମାନଙ୍କୁ ତାଲିମ ଦିଆଯାଇଥିଲା। ମୁଖ୍ୟ ପ୍ରଶିକ୍ଷକ ଭାବେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ସଂଯୋଜକ ଡ. ତପନ ଦାସ, ଡ. ସସ୍ମିତା ପାଳ, ଡ. ସମାପିକା ଦଳାଇ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱଦେଶ ବୈଦ୍ୟଶାଳାର ଅଧ୍ୟକ୍ଷ ଡ. ନିରାକାର ବେହେରା, ସମ୍ମାନୀତ ଅତିଥି ଭାବେ ମଥୁରା ସରପଞ୍ଚ ପ୍ରଦୀପ କହଁର, ଯୁବ ମହାସଂଘ ସମ୍ପାଦକ ଶରତ ପ୍ରଧାନ, କେଳାକଟା ଦୁଗ୍ଧ ସମବାୟ ସମିତି ସମ୍ପାଦକ ବିକ୍ରମ ପ୍ରଧାନ, ଜ୍ୟୋତିରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ମାହେଶ୍ୱରୀ ଗୋଶାଳା ଅଧ୍ୟକ୍ଷ ନିର୍ଗୁଣ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ କୃତିବାସ ପଲିଆ ପରିଚାଳନା କରିଥିଲେ। ନନ୍ଦନ ଚୌଧୁରୀ, ଗଙ୍ଗାଧର ପ୍ରଧାନ, ଦେବାଶିଷ ପ୍ରଧାନ, ଯାଦବ ପୁଟେଲ, ନରେନ୍ଦ୍ର ନାଏକ, ଭାଗ୍ୟଧର ମହାକୁଡ଼, କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ ତ୍ରିନାଥ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଦୁଇ ଦାଦନ ଶ୍ରମିକଙ୍କୁ ଉଦ୍ଧାର ପାଇଁ ପ୍ରଶାସନକୁ ଅନୁରୋଧ

**ହରଭଙ୍ଗା, ୧୦।୧୨(ସମିସ):** ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିବା ଦୁଇ ଓଡ଼ିଆ ଶ୍ରମିକଙ୍କୁ ମାଲିକର ନିର୍ଯାତନାରେ କଷ୍ଟ ପାଉଛନ୍ତି। ଉଭୟଙ୍କୁ ଉଦ୍ଧାର ଲାଗି ସେମାନଙ୍କ ଘର ଲୋକେ ଜିଲ୍ଲା ପ୍ରଶାସନ, ଶ୍ରମ ଅଧିକାରୀ, ବିଧାୟକଙ୍କୁ ନେହୁରା ହୋଇଛନ୍ତି। ସ୍ଥାନୀୟ ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗର ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ହାତ ବାନ୍ଧି ବସିଛି। ଉଦ୍ଧାରରେ ବିଳମ୍ବ ନେଇ ଜନ ଅସନ୍ତୋଷ ଦେଖା ଦେଇଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଭାଲିଆଗୋରା ଗ୍ରାମରେ ଏଭଳି ଘଟଣା ଘଟିଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଭାଲିଆଗୋରା ଗ୍ରାମର ଶ୍ରୀବତ୍ସ ମଲ୍ଲିକ (୪୭) ଓ ଉଦୟ ପ୍ରଧାନ (୩୬) ଜଣେ ଦଲାଲ ସହ ୩ମାସ ତଳେ ମଧ୍ୟପ୍ରଦେଶ ରାଜ୍ୟ ଶ୍ରୀପୁର ରେଲୱେ ଷ୍ଟେସନ ନିକଟ 'ରାମ ପ୍ଲାଏ 'ଘରୋଇ କମ୍ପାନରେ କାର୍ଯ୍ୟ କରିବା ପାଇଁ ଯାଇଛନ୍ତି। ଉଭୟଙ୍କୁ କମ୍ପାନୀ ମାଲିକ ଅଧିକ ଖଟାଇବା ସହ ଅକଥନୀୟ ଯନ୍ତ୍ରଣା ଦେଉଛନ୍ତି। ଯନ୍ତ୍ରଣା ଅସହ୍ୟ ହେବାରୁ ଲୁଚି ଛପି ସେମାନେ ଘରକୁ ଫୋନ କରିଥିଲେ। ଏହା ଜାଣିପାରି ମାଲିକ ସେମାନଙ୍କ ମୋବାଇଲ ଭାଙ୍ଗି ଦେଇଛନ୍ତି। ଖସିଯିବାକୁ ଚାହିଁଲେ ମାରିଦେବାକୁ ମଧ୍ୟ ମାଲିକ ଧମକ ଦେଉଛି। ଏ ନେଇ ବୌଦ୍ଧ ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ ପାଇକରାୟଙ୍କୁ ପଚାରିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରମ ବିଭାଗ ସଚିବଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଏ ସମ୍ପର୍କରେ ଜିଲ୍ଲାପାଳ ଓ ଏସ୍‌ପି ଅବଗତ ମଧ୍ୟ ଅଛନ୍ତି। ଖୁବ ଶୀଘ୍ର ଦୁଇ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ବୋଲି କହିଛନ୍ତି।



## ଫେବ୍ରୁଆରୀ ୧୭ରୁ ଜାତୀୟ ରାମଧୂନ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ସୋନପୁର, ୧୦।୧୨(ସମିସ):** ସୋନପୁର ରାମଧୂନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ୧୬ତମ ସର୍ବ ଭାରତୀୟ ରାମଧୂନ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ରବିବାର ମଝିପଡ଼ା କାଳୀପୂଜା ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସମ୍ପାଦକ ପୀୟୂଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଭେଟରାନ ଫୁଟବଲ ଖେଳାଳି ତଥା ଜିଏମ କଲେଜ ସମ୍ବଲପୁରର ପିଇଟି ସତୀଶ ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଚଳିତ ବର୍ଷ କିପରି ଟୁର୍ଣ୍ଣାମେଣ୍ଟକୁ ଆହୁରି ଆକର୍ଷଣୀୟ କରାଯିବ ଏବଂ ବାହାର ରାଜ୍ୟରୁ କିପରି ଅଧିକ ଫୁଟବଲ ଦଳ ଅଂଶଗ୍ରହଣ କରିପାରିବେ ସେ ନେଇ ଆଲୋଚନା ହୋଇଥିଲା। ୨୦୨୫ ଫେବୃଆରୀ ମାସର ୧୭ରୁ ୨୩ ତାରିଖ ମଧ୍ୟରେ ଗାନ୍ଧୀ ଷ୍ଟାଡ଼ିୟମରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ସର୍ବମୋଟ ୧୬ ଲକ୍ଷ ଟଙ୍କା ଟୁର୍ଣ୍ଣାମେଣ୍ଟରେ ଖର୍ଚ୍ଚ ହେବ ବୋଲି ବଜେଟ ପ୍ରସ୍ତୁତ କରାହୋଇଛି। ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ବୈଠକରେ ବିକାଶ ପଣ୍ଡାଙ୍କ ସହ ଜିଲ୍ଲା ଫୁଟବଲ ସମ୍ପାଦକ ରାଜୀବ ସାହୁ, କୋଚ୍ କଲିମ ମହମ୍ମଦ, ମନୋରଞ୍ଜନ ତ୍ରିପାଠୀ, ସୁବାସ ବିଶ୍ୱାଳ, ବିଦ୍ୟାଧର ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ଝାରସୁଗୁଡ଼ା ଟିମ୍



**ସୁବଳୟା, ୧୦।୧୨(ସମିସ):** ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଅଧୀନ ଡୁଲେଶ୍ୱର ଗ୍ରାମରେ ମାଁ ସୁରେଶ୍ୱରୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡୁଲେଶ୍ୱର କପ୍ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଆକସ୍ମିକ ବଡ଼ିଆ, ସମାଜସେବୀ ପ୍ରଦୀପ ବଡ଼ିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ସୋନପୁର ଓ ଫୁଲବାଣୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲବାଣୀ ଟିମ୍ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ଝାରସୁଗୁଡ଼ା ଓ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଟିମ୍ ବିଜୟ ଲାଭ କରିଥିଲା। ସେମିଫାଇନାଲରେ ଫୁଲବାଣୀ ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଦଳ ବିଜୟ ଲାଭ କରି ଫାଇନାଲ୍‌କୁ ପ୍ରବେଶ କରିଛି। କମିଟିର ସମ୍ପାଦକ ଆଦିକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଧିରେନ୍ଦ୍ର ଚାନ୍ଦ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଦର୍ଶନୀ ଅଦର ଓ ନରତ୍ତମ ମହାକୁଡ଼ ଖେଳ ପରିଚାଳନା କରିଥିଲେ।

## ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ମନମୁଣ୍ଡା/ଶଗଡ଼ା, ୧୦।୧୨(ସମିସ):** ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାଏକଙ୍କ ତତ୍ତ୍ୱାବଧାନରେ ତଥା ଖେଳ ଶିକ୍ଷକ ଜିତେନ୍ଦ୍ରିୟ ହୋତାଙ୍କ ନେତୃତ୍ୱରେ ୨ ଦିନ ଧରି କ୍ରୀଡ଼ା ଉତ୍ସବ ଚାଲିଥିଲା। ୧୩୦ ଜଣ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବାଳକ ବିଭାଗ ରେ ରୋହନ ତାରିଆ ଏବଂ ବାଳିକା ବିଭାଗରେ ପ୍ରିୟଙ୍କା ସାହୁ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ମୁଖ୍ୟବକ୍ତା ଭାବେ ମନମୁଣ୍ଡା ଏସବିଆଇ ଶାଖା ପରିଚାଳକ ବାଳଗୋପାଳ ନାୟକ, ସମ୍ମାନିତ ଅତିଥି ଭାବେ କ୍ଷୀର ସାଗର ବିଭାର ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘ ଉପ ସଭାପତି ବୈଦ୍ୟନାଥ ହୋତା ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ମମତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ରେଣୁବାଳା ବେହେରା, ଜ୍ୟୋସ୍ନାଝାଙ୍କର, ଶ୍ରଦ୍ଧାଞ୍ଜଳୀ ମହାକୁଡ, ରଶ୍ମିତା ବାରିକ, ସୋନାଲି ମେହେର, ଶିକ୍ଷକ ଅନ୍ତର୍ଯ୍ୟାମୀ ନାଏକ, ଚନ୍ଦ୍ର ଶେଖର ମହାକୁଡ, ସୁଦୀପ୍ତ ଦାସ, ବସୁଦେବ ପ୍ରଧାନ ଓ ନଳିନୀ ପୂଜାହାରି ପ୍ରମୁଖ ସହଯୋଗ କରିଥିଲେ।



# ଆଦିବାସୀ ଶକ୍ତିପୀଠ ସେବା ଟ୍ରଷ୍ଟ ପକ୍ଷରୁ ବୈଠକ

ଝାରସୁଗୁଡ଼ା, ୧୦।୧୨(ସମିସ): ଆଦିବାସୀ ଶକ୍ତିପୀଠ ସେବା ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ମହେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଲାବିରା ଜମିଦାର ସହିଦ କରୁଣାକର ସିଂହ ନାଏକ, ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କ ୨୨ ଡିସେମ୍ବରରେ ଆତ୍ମୋତ୍ସର୍ଗ ଦିବସ ପାଳନ ଓ ୨୦, ୨୧ ଓ ୨୨ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜମାତା ଗୁଣବନ୍ତୀ ଦେଇଙ୍କ ପ୍ରଥମ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତାକୁ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସହାୟତା ସହିତ ଆର୍ଥିକ ଅନୁଦାନ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଜିଲ୍ଲାରେ ବସବାସ କରୁଥିବା ୪୦ ପ୍ରତିଶତରୁ ଅଧିକ ୧୧ ପ୍ରକାର ଆଦିବାସୀ ପ୍ରତ୍ୟକ୍ଷ ଭାବରେ ସାମିଲ ହେବା ପାଇଁ ସ୍ଥିର ହୋଇଛି। ଲଇକେରା ଓ କିର୍ମିରା ବ୍ଲକକୁ ସମ୍ମିଳିତ ଆଦିବାସୀ ସମାଜର ଦୀର୍ଘ ୧୨ ବର୍ଷ ଲଢ଼େଇ ଓ ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଥିଲେ ମଧ୍ୟ ସମ୍ପୃକ୍ତ ଅଞ୍ଚଳର ଉନ୍ନତି ପାଇଁ କୌଣସି ଫଣ୍ଡ ନଦେବା, ଲଇକେରା ବ୍ଲକରେ ଦୀର୍ଘ ଦିନରୁ ଏକଲବ୍ୟ ସ୍କୁଲ ମଞ୍ଜୁର ହୋଇଥିଲେ ମଧ୍ୟ ସେଠାରେ ପାଠପଢ଼ା ନହେବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପୂର୍ବରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ଯୋଗାଇ ଦିଆଯାଇଥିବା ଟଙ୍କା ଖର୍ଚ୍ଚ ନହୋଇ ପଡ଼ି ରହିଥିବା ଓ ଅଞ୍ଚଳର ଆଦିବାସୀଙ୍କ ଜୀବନଜୀବିକା ଉପରେ ଜିଲ୍ଲା ପ୍ରଶାସନ ଲଗାତାର ଅଣଦେଖା କରୁଛି ବୋଲି ସଭାରେ ମତପ୍ରକାଶ ପାଇଛି। ସଭାରେ ସମ୍ମିଳିତ ଆଦିବାସୀ ସମାଜ ଉପଦେଷ୍ଟା ପ୍ରଭାକର ଓରାମ, କାର୍ଯ୍ୟାଳୟ ସଚିବ ବିନୋଦ ବାଗ, ଟ୍ରଷ୍ଟ ସମ୍ପାଦକ ଧର୍ମେନ୍ଦ୍ର କିସାନ, ପ୍ରେମାନନ୍ଦ ବିଶ୍ୱାଳ, ରାଜେଶ ମୁଣ୍ଡା, ବୀରେନ ମରେଇ, ସୁଶାନ୍ତ ସବର, ରତନ ସବର ଓ ଡିଲେଶ୍ୱର ନାଏକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ୨୧ରୁ କୁମୁଡ଼ାପାଲିରେ ଧନୁଯାତ୍ରା ମହୋତ୍ସବ

ଝାରସୁଗୁଡ଼ା, ୧୦।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା କୁମୁଡ଼ାପାଲିରେ ଆସନ୍ତା ୨୧ରୁ ୨୭ ତାରିଖ ଯାଏଁ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ମଙ୍ଗଳବାର ଏନେଇ ଧନୁଯାତ୍ରା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆସନ୍ତା ଡିସେମ୍ବର ୨୦ ତାରିଖ କଳସ ଯାତ୍ରା ଅନୁଷ୍ଠିତ ହୋଇ ୨୧ ତାରିଖ ନନ୍ଦୋତ୍ସବ ହେବ। ପରେ ପ୍ରତ୍ୟେକ ଦିନ ଭଗବାନ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳା ଅନୁଷ୍ଠିତ କରାଯାଇ ୨୭ ତାରିଖ ଦିନ କଂସ ବଧ ଓ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହେବ। ଚଳିତ ବର୍ଷ ନନ୍ଦପୁର ଅଞ୍ଚଳ ଗୋପପୁର ହେବାକୁ ଥିବାବେଳେ କୁମୁଡ଼ାପାଲି ହେବ ମଥୁରା ବୋଲି ସୂଚନା ଦିଆଯାଇଛି। କଂସ ଭୂମିକାରେ ଓମ୍ ପ୍ରକାଶ ପଟେଲ, ଶ୍ରୀକୃଷ୍ଣଙ୍କ ଭୂମିକାରେ ରଞ୍ଜିତ ପଟେଲ, ବଳରାମଙ୍କ ଭୂମିକାରେ ମନୋଜ କୁମାର ପାଲେ, ନନ୍ଦ ରାଜା ଭୂମିକାରେ ସୁଶାନ୍ତ କୁମାର ପଟେଲ ଏବଂ ଯଶୋଦା ଭୂମିକାରେ ବିନିତା ପଟେଲ ଅଭିନୟ କରିବେ। କୁମୁଡ଼ାପାଲିରେ ଚଳିତ ବର୍ଷ ଧୁମ୍‌ଧାମରେ ଧନୁଯାତ୍ରା ମହୋତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଝାରସୁଗୁଡ଼ା ପୌରପରିଷଦରେ ମଶାତେଲ ଅନିୟମିତତା ଘଟଣା

# ହୋଲ୍‌ସେଲରଙ୍କ ଗୋଦାମରେ ଭିଜିଲାନ୍ସ ଚଢ଼ଉ

ଝାରସୁଗୁଡ଼ା, ୧୦।୧୨(ସମିସ): ଝାରସୁଗୁଡ଼ା ପୌରପରିଷଦରେ ମଶାତେଲ ଅନିୟମିତତା ଘଟଣାରେ ମଙ୍ଗଳବାର ହୋଲ୍‌ସେଲରଙ୍କ ଗୋଦାମରେ ଭିଜିଲାନ୍ସ ବିଭାଗ ଚଢ଼ଉ କରିଛି। ଲକ୍ଷାଧିକ ଟଙ୍କାର ହେରଫେର୍ କରିଥିବା ଫ୍ୟୁଜନ୍ ଗ୍ରୁପ୍ ମଶାତେଲ କିଣିଥିବା ହୋଲ୍‌ସେଲରଙ୍କ ଗୋଦାମରେ ଭିଜିଲାନ୍ସ ବିଭାଗ ଚଢ଼ଉ କରି ସମସ୍ତ କାଗଜପତ୍ର ଯାଞ୍ଚ କରିଛି। ଗତ ୩ ତାରିଖ ଦିନ ଝାରସୁଗୁଡ଼ା ପୌରପରିଷଦ ଉପରେ ଭିଜିଲାନ୍ସ ଚଢ଼ଉ କରି ମଶାତେଲ କିଣାରେ ବ୍ୟାପକ ଅନିୟମିତତା ଅଭିଯୋଗ ସମ୍ପର୍କରେ ତଦନ୍ତ କରି କାଗଜପତ୍ର ସିଲ୍ କରିଥିବା ବେଳେ ମଙ୍ଗଳବାର ଅଧିକ ତଦନ୍ତ ପାଇଁ ଜିଏସ୍‌ଟି ଅଧିକାରୀ, ଡ୍ରଗ୍ ଇନ୍ସପେକ୍ଟର ଓ ପୁଲିସ ସହ ଭିଜିଲାନ୍ସ ବିଭାଗ ହୋଲ୍‌ସେଲର ଗୋଦାମରେ ଚଢ଼ଉ କରି କାଗଜପତ୍ର ଜବତ କରିଛି। ଝାରସୁଗୁଡ଼ାର ଏକ ହୋଲ୍‌ସେଲର ଠାରୁ ୧୨୦ ଟଙ୍କାରୁ ୨୧୦ ଟଙ୍କାରେ ମଶାତେଲ କିଣି ଫ୍ୟୁଜନ୍ ଗ୍ରୁପ୍ ପୌରପରିଷଦକୁ ୭୪୦ ଟଙ୍କାରେ ବିକ୍ରି କରି ଲକ୍ଷାଧିକ ଟଙ୍କା ମୁନାଫା କମାଇଥିବା ତଦନ୍ତରୁ ଜଣାପଡ଼ିଛି। ପ୍ରକାଶଯୋଗ୍ୟ ଯେ, ଝାରସୁଗୁଡ଼ା ପୌରପରିଷଦରେ ଗତ ୨୦୧୯ ଜୁନ ମାସରୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ମଶାତେଲ ଲିଟର ପିଛା ୭୭ଟଙ୍କା ହିସାବରେ ତେଲକୁ ଯୋଗାଣ କରାଯାଇଥିଲା। ଓଡ଼ିଶା ରବର ଉଦ୍ୟୋଗ ପ୍ରାଇଭେଟ



ଲିମିଟେଡ୍ ପକ୍ଷରୁ ଦୁଇ ହଜାର ଲିଟର ମଶାତେଲକୁ ଲିଟର ପିଛା ୭୭ ଟଙ୍କା ହିସାବରେ ୧ ଲକ୍ଷ ୫୪ ହଜାର ଟଙ୍କାରେ ଯୋଗାଇଥିଲା। ହେଲେ ଏହି ଟେଣ୍ଡର ଅବଧି ଶେଷ ହେବା ପରେ ଗତ ମାର୍ଚ୍ଚ ୨୦୨୩ ଠାରୁ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ମଶାତେଲ ଲିଟର ପିଛା ୭୪୦ ଟଙ୍କା ହିସାବରେ ଫ୍ୟୁଜନ ଗ୍ରୁପ ତେଲ ଯୋଗାଣ କରିଥିଲା। ୭ହଜାର ୫ଶହ ଲିଟର ମଶା ତେଲ ୫୫ ଲକ୍ଷ ୫୦ ହଜାର ଟଙ୍କାରେ ଯୋଗାଣ କରାଯାଇଛି। ମଶାତେଲ ଲିଟର ପ୍ରତି ଏତେ ଅଧିକ ଟଙ୍କା ପୌରପରିଷଦ ପକ୍ଷରୁ ପୈଠ କରିଥିବାରୁ ଏଥିରେ ଅନିୟମିତତା କରାଯାଇଥିବା ଲୋକେ ଅଭିଯୋଗ କରିଥିଲେ। ଲିଟର ପିଛା ପ୍ରାୟ ୬୬୩ ଟଙ୍କାର ଅନିୟମିତତା କରି ଯୋଗାଣ କରିଥିବା ସଂସ୍ଥାଠୁ ନେଇ ପୌରପରିଷଦର ଅଧିକାରୀ, କର୍ମଚାରୀ ଏହି ମାମଲାରେ ଛନ୍ଦି ହୋଇଥିଲେ। ଏହି ଘଟଣାର ଉଚିତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଝାରସୁଗୁଡ଼ା ପୌରପରିଷଦବାସୀ ଦାବି କରିଥିଲେ। ଗତ ୩ ତାରିଖ ପୌରପରିଷଦକୁ ଝାରସୁଗୁଡ଼ା ଭିଜିଲାନ୍ସ ବିଭାଗ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିବାବେଳେ ମଙ୍ଗଳବାର ମଶାତେଲ କିଣାଯାଇଥିବା ହୋଲ୍‌ସେଲରଙ୍କ ଗୋଦାମରେ ଚଢ଼ଉ କରି ବିଭିନ୍ନ କାଗଜପତ୍ର ଜବତ କରିଛି ଭିଜିଲାନ୍ସ ବିଭାଗ।

# ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ରିଆମାଳ, ୧୦।୧୨(ସମିସ): ରିଆମାଳ ବ୍ଲକସ୍ଥିତ ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାଧ୍ୟାପକ ଫକୀର ମୋହନ ପ୍ରଧାନ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ସୁପ୍ରିୟା ଗଡ଼ନାୟକଙ୍କ ପରିଚାଳନାରେ ଏହି ପ୍ରତିଯୋଗିତା ସଫଳ ଭାବେ ଅନୁଷ୍ଠିତ ହୋଇଥିଲା। ୧୮ଟି ଇଭେଣ୍ଟରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ପ୍ରକୃତିପ୍ରେମୀ ଲୋକନାଥ ପ୍ରଧାନ ଯୋଗଦେଇ କ୍ରୀଡ଼ାର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁକ୍ତତିନି ମହାବିଦ୍ୟାଳୟର ଅଧ୍ୟକ୍ଷ ଫକୀର ମୋହନ ସାହୁ, ସମ୍ମାନିତ ଅତିଥି ଭାବେ ଗଣିତ ଅଧ୍ୟାପକ ବେଣୁଧର ସାହୁ, ଓଡ଼ିଆ ଅଧ୍ୟାପକ ଅରୁଣ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିଅନ ଭାବେ ବାଳକ ବିଭାଗରେ ସନ୍ଦିପ ଡୁଙ୍ଗଡୁଙ୍ଗ, ବାଳିକା ବିଭାଗରେ ସୀମା ମାଟିଆରୀ କୃତକାର୍ଯ୍ୟ ହୋଇଛନ୍ତି। ଖେଳ ଶିକ୍ଷକ ଜଗଦୀଶ ଭୋଇଙ୍କ ସହ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ



ଝାରସୁଗୁଡ଼ା/କିର୍ମିରା, ୧୦।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତ୍ରା ନିକଟସ୍ଥ ଅଲଟ୍ରାଟେକ୍ ସିମେଣ୍ଟ କାରଖାନା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପାଠ୍ୟଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧୁତ୍ରା, ଅର୍ଡା, ସାରସମାଲ, ସାରସପାଲି ଓ ଚମ୍ପାପଡ଼ା ଅଞ୍ଚଳର ପ୍ରାଇମେରୀ ସ୍କୁଲର ୩୭ ଜଣ ଛାତ୍ରଛାତ୍ରୀଙ୍କୁ କାରଖାନା ୟୁନିଟ ହେଡ୍ ଅମିତାଭ ଅଗ୍ରୱାଲଙ୍କ ନେତୃତ୍ୱରେ ନବୋଦୟ ପୁସ୍ତକ, ଖାତା ସହ ଗୋଟିଏ ଲେଖାଏଁ କଲମ ବଣ୍ଟନ କରିଥିଲେ। ଏଥିରେ କାରଖାନା ମାନବ ସମ୍ବଳ ଅଧିକାରୀ ଚିନ୍ମୟ ଦାସ, ଉନ୍ନୟନ ଅଧିକାରୀ ସିମନ ବାରିକ, କାରଖାନା କର୍ମଚାରୀ ସଂଘ ସଭାପତି ସନ୍ତୋଷ ବାଗ, ସହଯୋଗୀ ସୁରତ ବାଗ, ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ଜ୍ୟୋତିମୟୀ ସାଡୁଆଲ, ସହ ଶିକ୍ଷକ ଧିରେନ ବରୁଆ, ସାରସମାଲ ପ୍ରାଇମେରୀ ସ୍କୁଲ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଜଗତ, ଚମ୍ପାପଡ଼ା ପ୍ରାଇମେରୀ ସ୍କୁଲ ପ୍ରଧାନଶିକ୍ଷକ ପ୍ରମୋଦ ନାଏକ, ସହ ଶିକ୍ଷକ ତାରାଚାନ୍ଦ ବାଗ, ଅର୍ଡା ଶିକ୍ଷା ବିକାଶ ସଂଘ ସଭାପତି ମନ୍ମୟ କିଶୋର ବଖରା, କୋଚିଂ ଶିକ୍ଷକ ରମେଶ ଚନ୍ଦ୍ର ନାଏକ, ମୀରା ନାଏକ ଓ ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ। ଅତିଥିଗଣ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରତି ଉତ୍ସାହିତ କରିବା ସହ ନବୋଦୟ ପରୀକ୍ଷା ସମ୍ପର୍କିତ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ।

# ମହିଳା ହିଂସା ବିରୋଧରେ ସଚେତନତା ଅଭିଯାନ ଉଦ୍‌ଯାପିତ

ଝାରସୁଗୁଡ଼ା, ୧୦।୧୨(ସମିସ): ମହିଳା ହିଂସା ବିରୋଧରେ ସଚେତନତା ଅଭିଯାନ ଗତ ୨୫ ନଭେମ୍ବରରୁ ଶୁଭାରମ୍ଭ ହୋଇଥିବାବେଳେ ଏହି କାର୍ଯ୍ୟକ୍ରମ ମଙ୍ଗଳବାର ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ ସ୍ୱାଗତ ଭାଷଣ ଓ ଅଭିଯାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଉପଆରକ୍ଷୀ ଅଧିକ୍ଷକ ମାଣ୍ଡଦାହ ହାସଦା, ଡିସିପିଓ ସୁନନ୍ଦ ମହାରଣା, ମହାନନ୍ଦ, ବାଲ୍ୟ ବିବାହ ନିଷେଧ ସଂଯୋଜକ ପୀତବାସ ବେହେରା, ଜିଲ୍ଲା ସଂଯୋଜକ ଓଏଲମ ପୁଷ୍ପଶ୍ରୀ ନାୟକ, ବରିଷ୍ଠ ଆଇନଜୀବୀ ବି. ନାଗେଶ୍ୱରୀ, ସଖୀର ପରିଚାଳିକା ମଧୁସ୍ମିତା ବରାଳ, କେଶ୍‌ୱାର୍କର ଜ୍ୟୋତ୍ସ୍ନା ପ୍ରଧାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହେଡ଼ା, ଶକ୍ତିସଦନ ମହିଳା କେନ୍ଦ୍ର ଏବଂ ସଖିକେନ୍ଦ୍ରକୁ ସମ୍ମାନିତ କରାଯାଇଥିଲା। ଅଭିଯାନରେ ସାମିଲ ଥିବା ସେହେଡ଼ା ଅନୁଷ୍ଠାନର ଜୟଶ୍ରୀ ସାହୁ, ସଖିକେନ୍ଦ୍ରର ଶିଲ୍ପାଞ୍ଜଳି ତିର୍କୀ, ସୁନିତା ଭଙ୍ଗସା, ସୁଜାତା ବିଶୋଇ, ଶକ୍ତିସଦନର ଝରଣା ଦୀପ, ରୋଷନୀ ବିଶ୍ୱାଳ, ୭ ଜଣ ସିଡିପିଓ, ୭ଜଣ ସୁପରଭାଇଜର, ୭ଜଣ ଅଦ୍ୱିବା କିଶୋରୀ ବାଳିକା,



ବରିଷ୍ଠ ଆଇନଜୀବୀ ବି. ନାଗେଶ୍ୱରୀ ଯୋଗଦେଇ ମହିଳା ହିଂସା, ଲିଙ୍ଗଗତ ଭେଦଭାବ, ମହିଳାଙ୍କ ପାଇଁ ଥିବା ବିଭିନ୍ନ ଆଇନ ଉପରେ ନିଜର ଅଭିଭାଷଣ ରଖିଥିଲେ। ଅଭିଯାନକୁ ସଫଳ ମଣ୍ଡିତ ଏବଂ ମହିଳା ଶିଶୁଙ୍କ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାମ କରିଥିବାରୁ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ମହିଳା ସୁରକ୍ଷା ଅଧିକାରୀ ମିନାକ୍ଷୀ ରାଜ, କାର୍ଯ୍ୟକ୍ରମ ଅଧିକାରୀ ଯାଜ୍ଞସେନୀ ୩ଟି ସମାଜର ନେତା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନୁଷ୍ଠାନ ପ୍ରମୁଖଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମାଜ ମଙ୍ଗଳ ବିଭାଗ ଓ ସେହେଡ଼ା ଅନୁଷ୍ଠାନ ମିଳିତ ଭାବରେ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମକୁ ବାଲ୍ୟବିବାହ ନିଷେଧ ସଂଯୋଜକ ପୀତବାସ ବେହେରା ସଂଯୋଜନା କରିଥିବାବେଳେ ମହିଳା ସୁରକ୍ଷା ଅଧିକାରୀ ମିନାକ୍ଷୀ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ପାଳିତ



ଝାରସୁଗୁଡ଼ା, ୧୦।୧୨(ସମିସ): ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ପକ୍ଷରୁ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା କର୍ମଶାଳାରେ ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ନାୟକ ଏହି ଦିବସ ପାଳନର ଉଦ୍ଦେଶ୍ୟ, ମାନବ ଅଧିକାର ରକ୍ଷା ନିମନ୍ତେ ସର୍ବୋଚ୍ଚତମ ଅଦାଲତ ବିଭିନ୍ନ ମାମଲାଗୁଡ଼ିକର ନିଷ୍ପତ୍ତିରେ ଦେଇଥିବା ନିର୍ଦ୍ଦେଶଗୁଡ଼ିକ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ପୂଜା ଷଡ଼ଙ୍ଗୀ, ବରିଷ୍ଠ ଦେୱାନୀ ବିଚାରପତି ସ୍ମୃତିରଞ୍ଜନ ମହାପାତ୍ର, ଜିଲ୍ଲା ଆଇନସେବା ପ୍ରାଧୀକରଣର ସଚିବ ଆଲୋକମୟୀ ପ୍ରଧାନ, କନିଷ୍ଠ ଦେୱାନୀ ବିଚାରପତି ମୋନାଲିସା ପ୍ରଧାନ, ଜିଲ୍ଲା ଓକିଲ ସଂଘର ସଭାପତି ରାଧାକାନ୍ତ ସା ଓ ସମ୍ପାଦକ ମନିଷ ବାଜପେୟୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଓକିଲ ସଂଘର ଅନ୍ୟାନ୍ୟ ସଦସ୍ୟ, ଆଇନ୍ ସହାୟତା ପ୍ରତିରକ୍ଷା ଓକିଲ, ପ୍ୟାନେଲ ଓକିଲ, ପ୍ରସନ୍ନ ପଣ୍ଡା ଆଇନ୍ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

**ଦେବଗଡ଼:** ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ମିଳିତ ଆନୁକୂଲ୍ୟରେ ଦେବଗଡ଼ ମହିଳା ଜନକଲ୍ୟାଣ ସଂଗଠନ ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦେବଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଥପ୍ରାନ୍ତ ଅଭିନୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟତଃ ସମାଜରେ ନାରୀଙ୍କ ପ୍ରତି ଦୈନନ୍ଦିନ ଦେଖାଯାଉଥିବା ଘରୋଇ ହିଂସା, ଯୌତୁକ ନିର୍ଯ୍ୟାତନା, ଯୁବତୀ ଚାଲାଣ, ଛାତ୍ରୀ ଅସଦାଚରଣ




ଆଦି ରୋକିବାକୁ ଅଭିନୟ ମାଧ୍ୟମରେ ସଂଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସମାଜସେବୀ, ଆଇନଜୀବୀଙ୍କ ସମେତ ବାରକୋଟ ମହିଳା ଜନକଲ୍ୟାଣ ସଂଗଠନର, ବ୍ଲକ କୋର୍ଡିନେଟର, ଉର୍ମି ଲିଡର ଓ ଜନସାଥିମାନେ ଉପସ୍ଥିତ ଥିଲେ।

## ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଘାଟିତ

# 'ନିରନ୍ତର ଅଭ୍ୟାସ ଓ ଅଧ୍ୟବସାୟ ବଳରେ ଆମେ ସଫଳତାର ଶୀର୍ଷକୁ ଛୁଇଁ ପାରିବା'

ଝାରସୁଗୁଡ଼ା, ୧୦।୧୨(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଝାରସୁଗୁଡ଼ା ଓ ଟିଆରଏଲ କ୍ରୋସାକି ବେଲପାହାଡ଼ର ମିଳିତ ଆନୁକୂଲ୍ୟରେ ଜୁବଲିହଲ୍ ଗୁମାଡେରାରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୫୦ଜଣ ଏ-୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ତିନିଦିନିଆ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିରନ୍ତର ଅଭ୍ୟାସ ଓ ଅଧ୍ୟବସାୟ ବଳରେ ଆମେ ସଫଳତାର ଶୀର୍ଷକୁ ଛୁଇଁ ପାରିବା ଓ ଦେଶ ଗଠନରେ ସହାୟକ ହୋଇପାରିବା ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନେ ଉଚ୍ଚାକାଂକ୍ଷୀ ହେବା ସାଙ୍ଗକୁ ଶିକ୍ଷଣକୁ ଏକ ବ୍ରତ ଭାବେ ଗ୍ରହଣ କରିବାକୁ



ପରାମର୍ଶ ଦେଇଥିଲେ। ନିଜର ଛାତ୍ରଜୀବନର ଅନୁଭୂତି ଛାତ୍ରଛାତ୍ରୀଙ୍କ ସହିତ ବାଣ୍ଟିବା ସହ ନିଜର ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇ ଭବିଷ୍ୟତରେ ଜଣେ ସଫଳ ବ୍ୟକ୍ତି ହେବା ସହ ଅଞ୍ଚଳ ତଥା ଦେଶର ସେବା କରିବା ପାଇଁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ସା ଓ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଗଡ଼ତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ଟିଆରଏଲ କ୍ରୋସାକି ବେଲପାହାଡ଼ର ଦୀପକ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଜନସମ୍ପର୍କ ଓ ସିଏସଆର ଡିଜିଏମ୍ ଡ. ସନ୍ତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି ଏହି କାର୍ଯ୍ୟକ୍ରମ ତିନି ଦିନ ଧରି ଏଠାରେ ଆୟୋଜିତ ହେବ। ଏହାର ସଫଳ ରୂପାୟନ ପାଇଁ ୧୨ ଜଣ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରାଜେନ୍ଦ୍ର ସାହୁ, ଟୁନା ରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ନିତ୍ୟାନନ୍ଦ ନାୟକ ଓ ଭାରତୀ ଭୋଇଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଛି। ଶିକ୍ଷକ ମହେଶ ପଧାନ, ଟିଆରଏଲ କ୍ରୋସାକିର ବ୍ରଜବନ୍ଧୁ ଶତପଥି ଓ ମନୋଜ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା, ୧୦।୧୨(ସମିସ): ରେଳ ଧାରଣାରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଦକ୍ଷିଣ ପୂର୍ବ ହାୱଡା ବମ୍ବେ ମୁଖ୍ୟ ରେଳପଥ ଝାରସୁଗୁଡ଼ା ଓ ଧୁତ୍ରା ଷ୍ଟେସନ ମଝିରେ ଏକ ମୃତଦେହ ପଡ଼ିଥିବା ଦେଖି ଲୋକେ ରେଳବାଇ ପୁଲିସକୁ ଖବର ଦେଇଥିଲେ। ଝାରସୁଗୁଡ଼ା-ଧୁତ୍ରା ଷ୍ଟେସନ ମଝିରେ ଥିବା ଡାଉନମେନ୍ ଲାଇନ ଖୁଣ୍ଟି ପାଖରେ ଉକ୍ତ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିରହିଥିଲା। ସୋମବାର ବିଳମ୍ବିତ ରାତିରେ ବ୍ୟକ୍ତି ଜଣକ କୌଣସି ଏକ ଟ୍ରେନରୁ ଖସି ବା କୌଣସି ଟ୍ରେନ ଧକ୍କାରେ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ରେଳବାଇ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଉଦ୍ଧାର କରିବାସହ ତଦନ୍ତ ଆରମ୍ଭ କରିଛି।

# ୨୦ ତାରିଖକୁ ଘୁଞ୍ଚିଲା ଦେବଗଡ଼ ଜିଲ୍ଲାର ଧାନକ୍ରୟ

ଦେବଗଡ଼, ୧୦।୧୨(ସମିସ): ଦେବଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଦିନିଆ ବର୍ଷା ଓ ମେଘୁଆ ପାଗ ଯୋଗୁଁ ସବୁ ଚାଷୀଙ୍କର ଧାନ ଅମଳ ହୋଇପାରି ନାହିଁ। ଏଥିସହ ପ୍ରତିକୂଳ ପାଗ ଯୋଗୁଁ ଧାନରେ ଜଳୀୟଅଂଶ ମାତ୍ରାଧିକ ଥିବାରୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ରିପୋର୍ଟ ଆଧାରରେ ଡିସେମ୍ବର ୧୩ ତାରିଖରୁ ଆରମ୍ଭ ହେବାକୁ ଥିବା ଧାନକ୍ରୟ ପ୍ରକ୍ରିୟାକୁ ଏକ ସପ୍ତାହ ଘୁଞ୍ଚାଇ ଦିଆଯାଇଛି। ଡିସେମ୍ବର ୨୦ ତାରିଖ ଠାରୁ ଧାନ କ୍ରୟ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ଫଳରେ ୨୦ ତାରିଖ ଠାରୁ ଜିଲ୍ଲାରେ ମଣ୍ଡିର ଶୁଭାରମ୍ଭ କରାଯିବା ନେଇ ଚାଷୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମସଜିଦ୍ ନିର୍ମାଣକୁ ନେଇ କେଁ

# ଦୁଇ ମୁସଲିମ୍ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ; ୧୦ ଗିରଫ



**ସୋହେଲା,୧୦।୧୨(ସମିସ):**

- ଉଭୟ ପକ୍ଷରୁ ମାମଲା ରୁଜୁ
- ଶାନ୍ତିରକ୍ଷା ଲାଗି ପୁଲିସର ଫ୍ଲାଗ୍ ମାର୍ଚ୍ଚ

ସୋହେଲାରେ ନିର୍ମାଣାଧୀନ ମସଜିଦରେ କାମ କରିବାକୁ କେନ୍ଦ୍ରକରି ଦୁଇ ମୁସଲିମ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ହୋଇ ଉଭୟ ପକ୍ଷର ଲୋକେ ଆହତ ହୋଇଛନ୍ତି। ଏହି ଘଟଣାରେ ଉଭୟ ପକ୍ଷରୁ ୧୦ ଜଣ ଗିରଫ ହୋଇଛନ୍ତି। ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇବାରୁ ବରଗଡ଼ ଆଡିସନାଲ ଏସପି ସୌରଭ ଓତା ପଦ୍ମପୁର ଏସଡିପିଓ ବିଭୁତି ଭୂଷଣ ଭୋଇ, ସୋହେଲା ଆଇଆଇସି ଏବଂ ଜିଲ୍ଲାର ବିଭିନ୍ନ ଥାନାର ପୁଲିସ ଅଧିକାରୀ ତଥା ୩ ପ୍ଲାଟୁନ ପୁଲିସ ଫୋର୍ସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହି ଘଟଣା ପରେ ଉତ୍ତେଜନା ଲାଗି ରହିଥିବା କାରଣରୁ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯିବା ସହ ମସଜିଦ ତଥା ମୁସଲମାନ ପଡ଼ାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରକାଶଥାଉ କି, ସୋହେଲାରେ ଥିବା ମୁସଲମାନ ସମାଜର ପୁରୁଣା ମସଜିଦକୁ ଭାଙ୍ଗି ନୂଆ ମସଜିଦ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନୂଆ ମସଜିଦ ନିର୍ମାଣ ହେବା ଦିନଠାରୁ କମିଟିର ଆୟ ବ୍ୟୟର ହିସାବକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା । ଆଜି ଗୋଟିଏ ଗୋଷ୍ଠୀ ଜୋର ଜବରଦସ୍ତ ମସଜିଦରେ କାମ କରିବାକୁ ଯାଇଥିବା ବେଳେ ଅପର ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ । ସେଠାରୁ ଉଭୟ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ହୋଇଥିଲା। ଏହି ଘଟଣାକୁ ନେଇ ସୋହେଲା ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ପୃଥକ ପୃଥକ ଦୁଇଟି ମାମଲା ରୁଜୁ ହୋଇଛି। ମିର୍ଜା ଅସଲମ ବେଗଙ୍କ ରିପୋର୍ଟ କ୍ରମେ ସୋହେଲା ଥାନା କେସ ନମ୍ବର ୪୨୨/୨୪ ରେ ଭାରତୀୟ ନ୍ୟାୟ ସଂହିତାର ଧାରା ଅନୁସାରେ ମହମ୍ମଦ ସିରାଜ, ମହମ୍ମଦ ହୁସେନ, ଇରଫାନ ଭୋପଲା, ଶମ୍ଭୁ ମିର୍ଜା ଗିରଫ ହୋଇଛନ୍ତି। ସେହିପରି ଇରଫାନ ଭୋପଲାଙ୍କ ଅଭିଯୋଗ କ୍ରମେ ଥାନା କେସ ନମ୍ବର ୪୨୩/୨୪ ଅନୁସାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୯/୨,୧୧୯/୩, ୧୨୬/୨,୨୯୬,୧୧୫/୨, ୧୧୦, ୩୫୧/୩ ଏବଂ ୧୯୦ ଅନୁସାରେ ନବାବ ଖାନ, ମହମ୍ମଦ କରିମ, ଅକ୍ରମ ମିର୍ଜା, ମହମ୍ମଦ ଅରସଦ, ମିର୍ଜା ଅସଲମ ଓ ମହମ୍ମଦ ଗୁଲାମଙ୍କୁ ପୁଲିସ ଗିରଫ କରିଥିବା ବେଳେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ସତ୍ତ୍ୱେ ଥାନାରେ ବରଗଡ଼ ଆଡିସନାଲ ଏସ ପି ସୌରଭ ଓତା,ପଦ୍ମପୁର ଏସଡିପିଓ ବିଭୁତି ଭୂଷଣ ଭୋଇ, ସୋହେଲା ଥାନା ଆଇଆଇସି ଶଶୀଭୂଷଣ ମିଶ୍ରଙ୍କ ସମେତ ବିଜେପୁର ଆଇଆଇସି ଧୀରେନ୍ଦ୍ର ସ୍ୱାଇଁ, ଗାଇସିଲେଟ ଆଇଆଇସି ପ୍ରଶାନ୍ତ ସାମଲ, ଜଗଦଲପୁର ଆଇଆଇସି କୈଳାସ ଚନ୍ଦ୍ର ହୋତା, ଝାରବନ୍ଧ କ୍ରେସେନସିଆ ସାମରିଆ ଓ ପାଇକମାଳ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଅଧିକାରୀ ସୋହେଲାରେ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଭଟଲି,୧୦। ୧୨(ସମିସ):** ଭଟଲି ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଏହି ଶିବିର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ ନାଏକ ଏବଂ ନମିତା ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ଅସ୍ଥିଶୈଲ୍ୟ ବିଭାଗରୁ ଡ଼ା ଦୟାନନ୍ଦ ଗୋପାଳ, କାନ, ନାକ ଏବଂ ଗଳାର ଚିକିତ୍ସକ ଡ଼ା ପ୍ରଭାତ କୁମାର ରାଉଳ, ଚକ୍ଷୁ ବିଶେଷଜ୍ଞ ରଶ୍ମୀରେଖା ଦାଶ, ଭେଷଜ ବିଶେଷଜ୍ଞ ଡ଼ା ରାମ ପ୍ରାସାଦ ସାହୁ ଯୋଗଦେଇ ଭିନ୍ନକ୍ଷମଙ୍କ ପରୀକ୍ଷା କରିଥିଲେ। ସହକାରୀ ଭାବରେ ନେପାଳ ଦୁଆନ, ସନାତନ ସାହୁ, ନିତ୍ୟାନନ୍ଦ ମହାପାତ୍ର, ଗୀତାଞ୍ଜଳି ବାରିକ, ସରୋଜ କୁମାର ପାତ୍ରୀ, ସଚ୍ଚିଦାନନ୍ଦ ଖୁଣ୍ଟିଆ, ଉମାକାନ୍ତ ସ୍ୱାଇଁ, ଭବାନୀ ମୁଦୁଲି ସହଯୋଗ କରିଥିଲେ। ଏହି ଶିବିରରେ ଭଟଲି ବ୍ଲକର ସମୁଦାୟ ୨୯୭ ଜଣ ଭିନ୍ନକ୍ଷମଙ୍କୁ ଅଦ୍ୱିତୀୟ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ତନ୍ମଧ୍ୟରୁ ୨୦ ଜଣଙ୍କୁ ବସ୍ ପାସ୍ ଏବଂ ୬୨ ଜଣଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ, କମ୍ପ୍ୟୁଟର କାର୍ଯ୍ୟକ୍ରମ ମୁଖ୍ୟ ଗିରିଧାରୀ ଭୋଇ ପ୍ରମୁଖଙ୍କ ସମେତ ବ୍ଲକର କର୍ମଚାରୀ ଏବଂ ଭଟଲି ବ୍ଲକ ଦିବ୍ୟାଙ୍ଗ ସଙ୍ଘର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜାତୀୟ ମାନବାଧିକାର ଦିବସ ପାଳିତ



**ବରଗଡ଼,୧୦। ୧୨(ସମିସ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପାଳିତ ଜାତୀୟ ମାନବାଧିକାର ଦିବସରେ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍ ସଭାପତିତ୍ୱରେ କରିଥିଲେ । ସମବେତ କଣ୍ଠରେ ଜାତୀୟ ସଂଗୀତ ଗାନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଭାବେ ଭେଡେନ ବ୍ଲକର ମନୋହର ସାଂସ୍କୃତିକ ସଂସଦର ସଭାପତି ତଥା ସାମାଜିକ କର୍ମୀ ଉତ୍ପନ୍ନ ଭୋଇ ଯୋଗଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୁବଳ ମେହେର ଓ ସହକାରୀ ପ୍ରଫେସର ବିଜୟ ନାଗ ମଞ୍ଚାସୀନ ଥିଲେ। ଅଧ୍ୟାପିକା ମମତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଧନ୍ୟବାଦ୍ ପ୍ରଦାନ କରିଥିଲେ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର । ଏହି ପରିପ୍ରେକ୍ଷୀରେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ମାନବାଧିକାର ବିଷୟବସ୍ତୁ ଆଧାରିତ ଏକାଙ୍କିକା 'ନାରୀ ଅଧିକାର' ଓ 'ଆମ ବିଚାର' ପରିବେଷିତ ହୋଇଥିଲା ।

# ବିକାଶ ଲ' ସ୍କୁଲ୍‌ରେ ମାନବାଧିକାର ଦିବସ ପାଳିତ

**ବରଗଡ଼,୧୦।୧୨( ସମିସ):** ବିକାଶ ଲ' ସ୍କୁଲରେ 'ମାନବାଧିକାର ଦିବସ' ପାଳିତ ହୋଇଯାଇଛି। ବିକାଶ ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର୍ ଡ. ବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଲ' ସ୍କୁଲର ଅଧ୍ୟାପକ ଶିବାନନ୍ଦ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ନିଜର ଅଧିକାର ସହିତ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଅଧ୍ୟାପକ ଜୈମିନି କୁମାର ସାହୁ ସମସ୍ତଙ୍କ ଅଧିକାରକୁ ସମାନ ମର୍ଯ୍ୟାଦା ପ୍ରଦାନ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ଲ' ସ୍କୁଲର ଛାତ୍ରଛାତ୍ରୀମାନେ ଏହି ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ସମସ୍ତଙ୍କୁ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଲ' ସ୍କୁଲର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ଡିଗ୍ରିଧରଙ୍କୁ ଭେଟିଲେ ପଦ୍ମପୁର ସାମ୍ବାଦିକ ସଂଘର କର୍ମକର୍ତ୍ତା



ପାଇକମାଳ, ୧୦।୧୨ (ସମିସ) : ପାଇକମାଳର ବରିଷ୍ଠ ସାମ୍ବାଦିକ ତଥା ଗନ୍ଧମାର୍ଦ୍ଦନ ଆନ୍ଦୋଳନର ବରିଷ୍ଠ କର୍ମୀ ଡିଗ୍ରୀଧର ସାହୁଙ୍କ ଗତ ୮ ତାରିଖ ଦିନ ସାଇକଲ ଯୋଗେ ଯାଉଥିବା ବେଳେ ଦୁର୍ଘଟଣା ହୋଇଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ଜିଲ୍ଲା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ନିମିତ୍ତ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଥିବା ବେଳେ ଆଜି ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର କର୍ମକର୍ତ୍ତା ଯାଇ ଭେଟିଥିଲେ । ସଂଘର ସଭାପତି ବଡ଼ ଶତପଥୀ ,ସୁରଥ ସାହୁ, ଧୀରେନ୍ ମହାନ୍ତି ,ମାନସ ରଞ୍ଜନ ନାୟକ, ନିରୋଜ ପାଣି, କୁଞ୍ଜ ବିହାରୀ ସାହୁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯୋଧନ ପୁଟା ସାମିଲ ଥିଲେ । ଏହା ସହ ନୂଆପଡ଼ାର ବରିଷ୍ଠ ସାମ୍ବାଦିକ ଯୁଧିଷ୍ଠିର ପଟେଲ ମଧ୍ୟ ପହଞ୍ଚିଥିଲେ। ସଂଘର ସଭାପତି ଶ୍ରୀ ଶତପଥୀ ନୂଆପଡ଼ା ସିଡିଏମଓଙ୍କ ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ।

# ପାହାଡ଼ଶ୍ରୀଗିଡ଼ା ଡିଗ୍ରୀ କଲେଜରେ ମାନବିକ ଅଧିକାର ଦିବସ



ଅତାବିରା, ୧୦।୧୨(ସମିସ): ପାହାଡ଼ଶ୍ରୀଗିଡ଼ା ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଜଗନ୍ନାଥ ପ୍ରଧାନ ମାନବିକ ଅଧିକାରର ସୁରକ୍ଷା ଓ ସଚେତନତା ସଂପର୍କରେ ବକ୍ତବ୍ୟ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର କ୍ଷୀରସାଗର, ଅଂଶୁମାନ, ହ୍ରିଷିତା, ସସ୍ମିତା, ମଞ୍ଜୁ, ସଙ୍ଗୀତା, ଲିପ୍ସା, ପାୟଲ, ମହେଶ, ନନ୍ଦିନୀ, ଚିକି, ଡେଜି, ଶ୍ରାବଣୀ ମାନବିକ ଅଧିକାର ସଂପର୍କରେ ମତାମତ ପ୍ରଦାନ କରିଥିଲେ।

# ୨୭ କୁଣ୍ଡୀୟ ହନୁମାନ ଚାଳିସା ଯଜ୍ଞ

**ସୋହେଲା,୧୦।୧୨( ସମିସ):** ଆଜି ସୋହେଲାରେ ସାର୍ବଜନୀନ ହନୁମାନ ଚାଳିସା ଯଜ୍ଞ କମିଟି ପକ୍ଷରୁ ୨୭ କୁଣ୍ଡୀୟ ହନୁମାନ ଚାଳିସା ଯଜ୍ଞ ସମାପନ ହୋଇଯାଇଛି। ଗତ ସନ୍ଧ୍ୟାରେ ଏ ଉପଲକ୍ଷେ ଏକ ଭବ୍ୟ ଝଣ୍ଡା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ପ୍ରଭୁ ଶ୍ରୀରାମ ,ଲକ୍ଷ୍ମଣ ଓ ସୀତା ବେଶରେ ଶିଶୁମାନଙ୍କୁ ଏକ ସୁସଜ୍ଜିତ ରଥରେ ନଗର ପରିକ୍ରମା କରାଯାଇଥିଲା । ବାହୁବଳୀ ହନୁମାନ ବେଶରେ ଜଣେ କଳାକାର ନଗର ପରିକ୍ରମା କରିଥିଲା। ଆଜି ସ୍ଥାନୀୟ ଚେତନା ମଣ୍ଡପ ଠାରେ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ଅନୁଷ୍ଠିତ ଏକ ସଭାରେ ରାଜଗାଙ୍ଗପୁରରୁ ଦୌଲତ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ସମ୍ପାଦକ ଭକ୍ତଚରଣ ସାହୁ ସଭାରେ ସଭାପତିତ୍ୱ କରିଥିଲେ । ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସହମନ୍ତ୍ରୀ ଅଚ୍ୟୁତ ଭାଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ସଭା ପରିଚାଳନା କରିଥିଲେ । ସାର୍ବଜନୀନ ହନୁମାନ ଚାଳିସା କମିଟିର ସଭାପତି ବଳବୀର ସିଂ ଠାକୁର, ଶତ୍ରୁଘନ ଭଞ୍ଜ, ବିପିନ ପଧାନ, ପ୍ରମୋଦ ଦେବତା, ଗିରଜେଶ ଖାଡେଙ୍ଗା , କୃଷ୍ଣଚନ୍ଦ୍ର ସାହୁ,ଲଳିତ ଅଗ୍ରୱାଲ ,ସଂଜୀବ ଝାଙ୍କର ,ଆଲୋକ ଅଗ୍ରୱାଲ,ବବଲୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ପଣ୍ଡିତ ମନବୋଧ ମିଶ୍ରଙ୍କ ନେତୃତ୍ୱରେ ସତ୍ୟବାଦୀ ଦେବତା,ଡୋଳାମଣି ଦେବତା ,ଦେବେନ୍ଦ୍ର ନାୟକ, କୈଳାସ ପଣ୍ଡା ,ଲଳିତ ମୋହନ ଦାଶ, ସୁମନ୍ତ ପାଣିଗ୍ରାହୀ ,ରବି ନାରାୟଣ ଦେବତା ,ସରୋଜ ଦେବତା ,କିରଣ ହୋତା ,ହୃଷୀକେଶ ମହାପାତ୍ର ,ଗୁଲୁଠୁ ମହାପାତ୍ର ,ମନ ମହାପାତ୍ର, ଅରବିନ୍ଦ ପଶାୟତ ପୂଜା କାର୍ଯ୍ୟ ତୁଲାଇଥିଲେ।



# ଡାକ୍ତର ଶକ୍ତି କୁମାର ତ୍ରିପାଠୀ ସମ୍ମାନିତ

**ବରଗଡ଼,୧୦। ୧୨(ସମିସ):** ବରଗଡ଼ ସହର ଏବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ସ୍ଥାନ ଅଧିକାର କରି ସାରିଲାଣି। ରାଜ୍ୟ ତଥା ରାଜ୍ୟ ବାହାରୁ ବି ଚିକିତ୍ସା ପାଇଁ ପ୍ରତିଦିନ ହଜାର ହଜାର ରୋଗୀ ବରଗଡ଼କୁ ଆସି ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ବରଗଡ଼ର ସୁନାମଧନ୍ୟ ସ୍ତ୍ରୀ ଓ ବନ୍ଧ୍ୟାରୋଗ ବିଶଷଜ୍ଞ ଯୁବ ଡାକ୍ତର ଶକ୍ତି କୁମାର ତ୍ରିପାଠୀ ତାଙ୍କ ବନ୍ଧ୍ୟାରୋଗରେ ଆଧୁନିକ ଚିକିତ୍ସା, ଗବେଷଣା ଓ ଜନସଚତନତା ପାଇଁ ଇଣ୍ଡିଆନ ଫର୍ଟିଲିଟି ସୋସାଇଟି ଦ୍ୱାରା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ତାଙ୍କୁ ନ୍ୟାସନାଲ ଆଚିଭର୍ ଆୱାର୍ଡରେ ଅହମଦାବାଦ ଗୁଜୁରାଟରେ ସମ୍ମାନିତ କରାଯାଇଥିଲା। ସେ ବର୍ତ୍ତମାନ ଚିଫ୍ ଫର୍ଟିଲିଟି ସ୍ପେଶାଲିଷ୍ଟ ଭାବରେ ଡ଼ା .ଶକ୍ତି ଏଣ୍ଡ ଡା.ଇପ୍ସିତା ସ୍କିନ ଫର୍ଟିଲିଟି ଇନଷ୍ଟିଚ୍ୟୁଟରେ କାର୍ଯ୍ୟରତ। ତାଙ୍କର ଏହି ସଫଳତା ପାଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



# ବରଗଡ଼ରେ ଏନ୍‌ଡିଆର୍‌ଏଫ୍‌ର ମକ୍ ଡ୍ରିଲ୍

## ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ସଚେତନତା

**ବରଗଡ଼,୧୦।୧୨(ସମିସ):**

କଟକ ସ୍ଥିତ ୩୯ ବାଟାଲିୟନ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନଡିଆରଏଫ), ମୁଣ୍ଡଳି ଅନୁକୂଲ୍ୟରେ ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସିମା ଦେଉଳବନ୍ଧ ଠାରେ ସାଧାରଣ ଲୋକ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଡିଓ, ତହସିଲଦାରଙ୍କୁ ନେଇ ପ୍ରକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମକ ଡ୍ରିଲରେ ଏନଡିଆରଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବି.କେ. ସାହୁଙ୍କ ତତ୍ତ୍ୱାବଧାନରେ ଦେଉଳବନ୍ଧ ଠାରେ ଟିମ କମାଣ୍ଡର ନିତେଶ କୁମାର ବାଟାଲିୟନର ଉଦ୍ଧାରକାରୀ ଦଳ ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କୁ ବନ୍ୟା, ବାତ୍ୟା ସମୟରେ କିପରି ଭାବେ ଏନଡିଆରଏଫ କାର୍ଯ୍ୟ କରିଥାଏ, ତାହା ପ୍ରଦର୍ଶନ କରିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଜଣେ ସାଧାରଣ ନାଗରିକ କିଭଳି କାର୍ଯ୍ୟକରିବା ଦରକାର, ସେସବୁ ପ୍ରଦର୍ଶନ କରି ବିପର୍ଯ୍ୟୟର ମୁକାବିଲା , ଉଦ୍ଧାର ଓ ଥଇଥାନ ସମ୍ପର୍କରେ ବିଭିନ୍ନ ପ୍ରକାର କୌଶଳ ଓ ମକ ଡ୍ରିଲ ପ୍ରଦର୍ଶନ କରି ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ସମେତ, କାର୍ଯ୍ୟକ୍ରମ ଜିଲ୍ଲା ଜରୁରୀକାଳୀନ ବିଭାଗ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ ଏବଂ ସମସ୍ତ କର୍ମଚାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ।



